

"ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### କଂଗ୍ରେସର ବନ୍ଦ ଡାକରାକୁ ଘରୋଇ ବସ ମାଲିକ ସଂଘର ସମର୍ଥନ

ଜୟପୁର,୮।୯(ନି.ପ୍ର.): ଆସନ୍ତା ୧୦ ତାରିଖ କଂଗ୍ରେସର ବନ୍ଦ ଡାକରାକୁ ଘରୋଇ ବସ ମାଲିକ ସଂଘ ସମର୍ଥନ ଜଣାଇଛି। ଏନେଇ ସଂଘର ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ ପ୍ରେସ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରତ୍ୟେକ ଦିନ ତେଲ, ପେଟ୍ରୋଲ ଦର ଅହେତୁକ ବୃଦ୍ଧି ପାଇବା ଯୋଗୁଁ ସମସ୍ତ ବସ ମାଲିକ ଆର୍ଥିକ କ୍ଷତି ସହିବା ସହ ବସ୍‌ଗୁଡିକ ନିଜ ନିଜର ରୁଟ୍‌ରେ ଚଳାଚଳ କରି ନପାରି ବନ୍ଦ ରହିଲାଣି। ସର୍ବଭାରତୀୟ ସ୍ତରରେ କଂଗ୍ରେସ ବନ୍ଦ ଡାକରା ଦେଇଥିବାରୁ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରି ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତ୍ତି ନେଇଥିବା ସଂଘ ଇସ୍ତାହାରରେ ଜଣାଇଛି।

### ସାକ୍ଷରତା ଦିବସ ପାଇଁ ସଚେତନତା ଶୋଭାଯାତ୍ରା

ଜୟପୁର,୮।୯(ନି.ପ୍ର.): ଜୟପୁର ସ୍ଥିତ ମଡର୍ନ ଇଂରାଜୀ ବିଦ୍ୟାଳୟ ପକ୍ଷରୁ ଅନ୍ତର୍ରାଷ୍ଟ୍ରୀୟ ସାକ୍ଷରତା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରାଟି ମୁଖ୍ୟରାସ୍ତା ଦେଇ ଶନିବାର ସହର ପରିକ୍ରମା କରିଛି। ସ୍କାଉଟ ଛାତ୍ରମାନେ ବିଦ୍ୟାଳୟରୁ ବାହାରି ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଓଡିଆରେ ଦସ୍ତଖତ କରିବା ପାଇଁ ସଚେତନ କରାଇଛନ୍ତି। ବିଦ୍ୟାଳୟର ପିଇଟି ଶିକ୍ଷକ ନିରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରିଥିଲା।

### ୧୫ରେ କାର୍ଯ୍ୟକ୍ଷମ ହେବ ମାତୃ ଓ ଶିଶୁ ଚିକିତ୍ସାଳୟ

ଜୟପୁର,୮।୯(ନି.ପ୍ର.): କୋରାପୁଟ ଜିଲା ଜୟପୁରରେ ୧୦ କୋଟି ଟଙ୍କା ବ୍ୟୟରେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତିଷ୍ଠା ହୋଇଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ଆସନ୍ତା ୧୫ ତାରିଖରେ କାର୍ଯ୍ୟକ୍ଷମ ହେବ। ଏନେଇ ଜିଲା ଚିକିତ୍ସାଧିକାରୀ ଲଳିତମୋହନ ରଥ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ ଜୟପୁର ମେଡିକାଲ କର୍ତ୍ତୃପକ୍ଷ ସ୍ଥାନାନ୍ତର ପାଇଁ ପଦକ୍ଷେପ ମଧ୍ୟ ଆରମ୍ଭ କରିଦେଲେଣି। ପରେ ଜିଲା ଚିକିତ୍ସାଳୟ ନୂତନ କୋଠାକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି। ନିର୍ମାଣ ହୋଇ ଛିଡ଼ା ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏହା ଲୋକଙ୍କ କାମରେ ଆସୁନଥିଲା। ଏହି ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଡିସେମ୍ବର ୨୨ରେ ଉଦ୍‌ଘାଟନ କରିଥିଲେ।

### ବୁଲାକୁକୁର ଧରିବା ଅଭିଯାନ ଆରମ୍ଭ

କୋରାପୁଟ,୮।୯(ସ୍ୱ.ପ୍ର.): କୋରାପୁଟ ମ୍ୟୁନିସପାଲିଟି ଅଞ୍ଚଳରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସହରରେ ବୁଲା କୁକୁରଙ୍କ ସଂଖ୍ୟା ହଜାରରୁ ଊର୍ଦ୍ଧ୍ୱ ହେଲାଣି। ସେମାନଙ୍କ ଆକ୍ରମଣରେ କେତେଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହେଉଛନ୍ତି ତ ପୁଣି କେତେବେଳେ କୁକୁରଙ୍କ ପାଇଁ ଦୁର୍ଘଟଣା ଘଟୁଛି। ଗତ ୨ ମାସ ମଧ୍ୟରେ କୋରାପୁଟରେ କୁକୁର କାମୁଡ଼ାରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କୋରାପୁଟ ମେଡିକାଲରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଅଧିକାଂଶ ସମୟରେ ମିଳୁନଥିବା ଯୋଗୁଁ ଲୋକଙ୍କ ଚିନ୍ତା ବଢ଼ିଛି। ତେଣୁ ଏହି ବୁଲାକୁକୁରଙ୍କୁ କାବୁ କରିବା ପାଇଁ ଶନିବାର କୋରାପୁଟ ମ୍ୟୁନିସପାଲିଟି ଅଭିଯାନ ଆରମ୍ଭ କରିଛି। ପୌର କର୍ମଚାରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ୧୩ଟି କୁକୁର ଧରାଯାଇ ପିଞ୍ଜରାରେ ରଖାଯାଇଛି।

### ଆସନ୍ତାକାଲି ବନ୍ଦ ପାଳିବ ସିପିଆଇ

ଜୟପୁର,୮।୯(ନି.ପ୍ର.): କୋରାପୁଟ ଜିଲା ସିପିଆଇ ଆସନ୍ତା ୧୦ରେ ଭାରତ ବନ୍ଦ ଡାକରା ଦେଇଛି। ରାଫେଲ ଦୁର୍ନୀତି, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦର ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ନିୟନ୍ତ୍ରଣ କରିବାରେ ବିଫଳତା, ଶ୍ରମିକ କର୍ମଚାରୀ ମାରଣ ନୀତି ଏବଂ ଚାଷୀ ଓ ଜନବିରୋଧୀ ନୀତି ବିରୋଧରେ ଦେଶର ୫ଟି ବାମପନ୍ଥୀ ଦଳ ମିଳିତ ଭାବେ ଭାରତ ବନ୍ଦ ଡକରା ଦେଇଛନ୍ତି। ୧୦ ତାରିଖ ଜୟପୁର ବ୍ୟାବସାୟିକ ସଙ୍ଗଠନ ଓ ଯାନବାହନ ଚଳାଚଳ, ସ୍କୁଲ, କଲେଜ, ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ସାହୁ, ହରି ପାଙ୍ଗି, ନନ୍ଦ ହରିଜନ କହିଛନ୍ତି।

■ ତୈଳଦର ବୃଦ୍ଧିର ପ୍ରତିବାଦ

# ୨ ଘଣ୍ଟିଆ ଧାରଣା ଦେଲା ବିଜେଡି

କୋରାପୁଟ,୮।୯(ସ୍ୱ.ପ୍ର.)

ପେଟ୍ରୋଲ ଦର ସାଢେ ୪ ବର୍ଷରେ ସର୍ବାଧିକ ଓ ଡିଜେଲ ଦର ସର୍ବକାଳୀନ ରେକର୍ଡ଼ ଛୁଇଁବା ଓ ଉତ୍ପାଦ ଶୁଳ୍କ ୧୨ ଥର ବୃଦ୍ଧିର ପ୍ରତିବାଦ ଜଣାଇଛି ବିଜେଡି। ଶନିବାର କୋରାପୁଟ ଜିଲା ବିଜେଡି ପକ୍ଷରୁ ସହରର ପେଟ୍ରୋଲପମ୍ପ ସମ୍ମୁଖରେ ୨ ଘଣ୍ଟିଆ ଧାରଣା ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଛି । ସହରର ଜେଇଏଲସି ଚର୍ଚ୍ଚ ନିକଟରେ ଥିବା ପେଟ୍ରୋଲ ପମ୍ପ ନିକଟରେ ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ବେହେରା, ଜିଲା ଉପସଭାପତି ତ୍ରିପୁରାରୀ ଗରଡା, ଜିଲା ଯୁବ ବିଜେଡି ଉପସଭାପତି ଭରତ ମଲ୍ଲିକ, ଅନନ୍ତରାମ ମାଟାମ, ଶଙ୍କର ପ୍ରସାଦ ଦୁରିଆ, ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟା ପାର୍ବତୀ ମସ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ସେହିପରି ସହର ଉପକଣ୍ଠ ଜୟପୁର ରାସ୍ତାରେ ଥିବା ଅନ୍ୟ ଏକ ପେଟ୍ରୋଲ ପମ୍ପରେ ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ବିଜେଡି ଯୁବନେତା ଭାଗିରଥି ପାଟନିଆ, ରଘୁରାମ ମାଛ, ଅଶୋକ ଷଣ୍ଢ, କାଉନସିଲର ରାମଚନ୍ଦ୍ର ମାଝି, ଅମ୍ବିକା ଷଣ୍ଢ, ମନୋଜ ପଣ୍ଡା, ସାମୁଏଲ ଦଳପତି, ବିମଳ ଗରଡ଼ାଙ୍କ ସମେତ ବହୁ ବିଜେଡି କର୍ମୀ ଧାରଣା ଦେଇଥିଲେ।



କୋରାପୁଟ ସହରର ଏକ ପେଟ୍ରୋଲ ପମ୍ପ ଆଗରେ ବିଜେଡିର ଧାରଣା।

## ଜୟପୁରରେ 'ମୁଁ ହିରୋ, ମୁଁ ଓଡ଼ିଶା'


ବିକ୍ରମଦେବ ମହାବିଦ୍ୟାଳୟରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜୟପୁର,୮।୯(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଡିଓ ପ୍ରଭାକର ଟି.ଏସ୍. ଉଦ୍‌ଘାଟନ କରିଥିବା ବେଳେ ଏଥିରେ ନୃତ୍ୟଗୀତର ଆସର ଜମିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ରଚନା ଆଚାର୍ଯ୍ୟ, ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦରିଆ, ଏମ୍‌ପି ପ୍ରତିନିଧି ବାଲା ରାୟ, ଅନ୍ତର୍ଜାତୀୟ କବିତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କଲେଜର ଛାତ୍ରୀ ଅନିନ୍ଦିତା ଜାହ୍ନବୀ ସୁଆର, ଆଦିବାସୀ କୁଇନ ପଲ୍ଲବୀ ଦୁରୁଆ ଉପସ୍ଥିତ ଥିଲେ। 'ମୁ ହିରୋ ମୁଁ ଓଡିଶା'ର ପ୍ରଣତି କୁଲଦୀପ, ଅସୀମା ଗିରି, ଅସ୍ମିତା ଷଡ଼ଙ୍ଗୀ ନାଚରେ ପୁରସ୍କୃତ ହୋଇଥିବା ବେଳେ ଗୀତରେ ଶେଫାଳି ପଣ୍ଡା, ସାଗର ମିଶ୍ର, ବିକାଶ ଖରା, ରାଜଲକ୍ଷ୍ମୀ ହେମ୍ବ୍ରମ, ନେହା ବିଶ୍ୱାଳ, ଅଭିନୟରେ ଦିପ୍ତିରାଣୀ ରଥ, ନୃତ୍ୟରେ ୱାଇ. ଗୌରୀଶଙ୍କର, ସସ୍ମିତାରାଣୀ ମହାପାତ୍ର, ଅଞ୍ଜଳି ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି ।

## ଆଦର୍ଶ ଅଭ୍ୟର୍ଥନା କକ୍ଷ ଉଦ୍‌ଘାଟିତ


ଅଭ୍ୟର୍ଥନା କକ୍ଷର ଶୁଭାରମ୍ଭ କରୁଛନ୍ତି ଏସ୍‌ପି କନୱର ବିଶାଳ ସିଂ।

ସେମିଳିଗୁଡ଼ା,୮।୯(ସ୍ୱ.ପ୍ର.):

ସୁନାବେଡ଼ା ପୌରାଞ୍ଚଳ ଅଧୀନ ପୋଲିସ ଷ୍ଟେସନରେ ନୂତନ ଆଦର୍ଶ ଅଭ୍ୟର୍ଥନା କକ୍ଷ ଜିଲା ଏସ୍‌ପି କନୱର ବିଶାଳ ସିଂହ ଉଦ୍‌ଘାଟନ କରିଛନ୍ତି। ଏଥିରେ ଆଇପିଏସ୍ ଅଧିକାରୀ ସାଗରିକା ନାଥ ଯୋଗ ଦେଇଥିଲେ। ସବୁବେଳେ ସୁନାବେଡା ପୋଲିସ ଜନସାଧାରଣଙ୍କ ସୁରକ୍ଷାରେ ଜାଗ୍ରତ ରହିଛି। ହେଲେ ଜନତା ପୋଲିସର ସାଥ୍ ଦିଅନ୍ତୁ ବୋଲି ଉଦ୍‌ଘାଟକ ବିଶାଳସିଂହ କହିଛନ୍ତି। ସାମାଜିକ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ ଏବଂ ଯୁବତୀଯୁବକ ଟ୍ରାଫିକ୍ ସମସ୍ୟାର ସମାଧାନ, ବାହାର ରାଜ୍ୟରୁ ଆସୁଥିବା ବ୍ୟବସାୟୀଙ୍କୁ ଚିହ୍ନଟ, ବେଆଇନ ମଦ କାରବାର ରୋକିବା, ରୋଡ଼ ରୋମିଓଙ୍କ ଉପରେ ଲଗାମ, ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ମତ ରଖିବା ସହିତ ସହରର ମୁଖ୍ୟ ଛକରେ ସିସିଟିଭି ଲଗାଇବାକୁ ଦାବି ଉପସ୍ଥାପନ କରିଥିଲେ। ସୁନାବେଡ଼ା ଏସ୍‌ଡ଼ିପିଓ ନିରଞ୍ଜନ ବେହେରା, ଥାନା ଆଇଆଇସି ମମତା ପାଣିଗ୍ରାହୀ, ସେମିଳିଗୁଡ଼ା ଆଇଆଇସି ସସ୍ମିତ ବେହେରା ଉପସ୍ଥିତ ଥିଲେ।

## ୩୧ ଜଣଙ୍କ ଚକ୍ଷୁ ପରୀକ୍ଷା

ଦାମନଯୋଡ଼ି,୮।୯(ଡି.ଏନ.ଏ.)

କୋରାପୁଟ ବ୍ଲକ୍ ଦୟାନିଧିଗୁଡ଼ା ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ସ୍ୱତନ୍ତ୍ର ମୋତିଆବିନ୍ଦୁ ଚିହ୍ନଟ କାର୍ଯ୍ୟକ୍ରମ 'ଆଶାର ଆଲୋକ' ଅନୁଷ୍ଠିତ ହୋଇଛି। ଏଥିରେ ଦାୟାନିଧିଗୁଡ଼ା ସହିତ ବାଗ୍ରା, ମାଙ୍ଗ୍ରା, କମାରଗୁଡ଼ା, ଓ କେନ୍ଦାର ପ୍ରଭୃତି ଗ୍ରାମରୁ ୩୧ ଜଣ ବୟସ୍କ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ୭ ଜଣ ବ୍ୟକ୍ତିଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଜିଲାସଦର ମହକୁମା ଡାକ୍ତରଖାନାରେ ମାଗଣା ଅସ୍ତ୍ରୋପଚାର କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ରଥ, ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ, ସୁପରଭାଇଜର ମକର ଜାନି, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ଈଶ୍ୱର ପାତ୍ର, ପଦ୍ମଜା ପ୍ରିୟଦର୍ଶିନୀ ନାୟକ, ଆଶାକର୍ମୀ ରତ୍ନମଣି ସୂର୍ଯ୍ୟ, ଭଗବତୀ ତୁରୁକ, ଲକ୍ଷ୍ମୀ କୁଳଦୀପ, ଜିମ୍ରି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଚିଛପି ମିଳାମିଶା କରୁଥିବା ପ୍ରେମୀ ଯୁଗଳଙ୍କୁ ମାଡ଼ ଥାନାରେ ଏତଲା

କୁନ୍ଦୁରା,୮।୯(ଡି.ଏନ.ଏ.)

ଅନେକ ଦିନରୁ ଚାଲିଥିଲା ଚୋରା ପିରତି। ଦୁହେଁ ପ୍ରେମିକା ପ୍ରେମିକ ଲୁଛିଛପି ମିଳାମିଶା କରୁଥିଲେ। ଏଥିରେ ଭଙ୍ଗା ପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ ପ୍ରେମୀଯୁଗଳଙ୍କୁ ଅସଜ୍ଞତ ଅବସ୍ଥାରେ ପରିବାର ଲୋକେ ଦେଖି ନିସ୍ଥୁକ ମାଡ଼ ମାରିଥିଲେ। ଉଭୟ ଯୁବତୀ ଏବଂ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଉଭୟ ପକ୍ଷ ଥାନାରେ ଏତଲା ଦେଇଛନ୍ତି। ଘଟଣା ଅନୁସାରେ, କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଫାମ୍ପୁଣି ବସ୍‌ଷ୍ଟାଣ୍ଡ ଛକ ତୋଟା ସାହି ଅଞ୍ଚଳର ଜଣେ ଯୁବତୀ ଫାମ୍ପୁଣି ଗ୍ରାମର ଜଣେ ଯୁବକଙ୍କ ସହିତ ଦୀର୍ଘଦିନରୁ ପ୍ରେମ ସମ୍ପର୍କ ରହିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ସେମାନଙ୍କୁ ଅସଜ୍ଞତ ଅବସ୍ଥାରେ ଦେଖି ଝିଅର ବାପା, ଭାଇ ଏବଂ ସମ୍ପର୍କୀୟ ଯୁବକଙ୍କୁ ଘଟଣାସ୍ଥଳରେ ନିସ୍ଥୁକ ମାଡ଼ ମାରିଥିଲେ। ତଦନ୍ତ ଅଧିକାରୀ କବି ସାହୁଙ୍କ କହିବା ଅନୁଯାୟୀ, ଯୁବକଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହାକୁ ନେଇ ଯୁବକଙ୍କ ଭାଇଙ୍କ ଏତଲା ଅନୁସାରେ ତଦନ୍ତ ଚାଲିଛି। ସେହିଭଳି ଝିଅଙ୍କ ଭାଇଙ୍କ ଏତଲା ଅନୁସାରେ ୧୪୧/୧୮ ଏବଂ ୧୪୨/୧୮ରେ ଦୁଇଟି ମାମଲା ରୁଜୁହୋଇ ତଦନ୍ତ ଚାଲିଛି। ଝିଅକୁ ମଧ୍ୟ ପରିବାର ଲୋକେ ନିସ୍ଥୁକ ପିଟିଥିବାବେଳେ ତାଙ୍କୁ ଜୟପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ତଦନ୍ତକାରୀ ଅଫିସର କହିଛନ୍ତି।

## ଜାତୀୟ ରାଜପଥ ଉନ୍ନତୀକରଣ ପାଇଁ ଦାବିପତ୍ର

ଜୟପୁର,୮।୯(ଡି.ଏନ୍.ଏ./ନି.ପ୍ର.)

ସେମିଳିଗୁଡାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୨୬ ନମ୍ବର ଜାତୀୟ ରାଜପଥର ପ୍ରାୟ ୬୫ କିଲୋମିଟର ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟିହୋଇ ମରଣଯନ୍ତା ପାଲଟିଛି । ଏହାର ମରାମତି ବଦଳରେ ନୂତନ ଭାବେ ନିର୍ମାଣ ଦାବିରେ କଂଗ୍ରେସ ଜୟପୁରସ୍ଥିତ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଶନିବାର ସ୍ମାରକପତ୍ର ଦେଇଛି। ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ପୂର୍ବାହ୍ନରେ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ଏହି ସ୍ମାରକପତ୍ର ଦେଇଛନ୍ତି। ଏହି ରାସ୍ତା ବର୍ଷା ହେଲେ ଗୋଡି ପିଚୁ ଉଠିଯାଇ ଖାଲଖମା ପରିପୂର୍ଣ୍ଣ ହୋଇଛି । ବିଭାଗ ସାମାନ୍ୟ ମରାମତି କରି ଖାଲକୁ ବନ୍ଦ କରିଦେଇଛି। କିନ୍ତୁ ପୁଣି ବର୍ଷା ହେବା ମାତ୍ରେ ତାହା ଉଠିଯାଉଛି। ଏହା ଦୁର୍ଘଟଣାର କାରଣ ହେଉଛି। ତେଣୁ ତୁରନ୍ତ ନୂତନ ରାସ୍ତା ନିର୍ମାଣ କରାଯାଉ, ନଚେତ କଂଗ୍ରେସ ରାଜରାସ୍ତାରେ ଆନ୍ଦୋଳନ କରିବ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ନାଗ, ବ୍ରଜରାଜ ମାଦଳା, ସନ୍ତୋଷ ପୂଜାରୀ, ଜଗା ପାଇକରାୟ, ଡେଭିଡ କୁଲଦୀପ, ମାନସ ମହାନ୍ତି, ଜୁବଲ ପ୍ରେମ, ଗୁପ୍ତ ପ୍ରଧାନ, ଗୌର ନାୟକ, ସୁବ୍ରତ ନାୟକ ଉପସ୍ଥିତି ଥିଲେ ।

## ଆଇନ ସଚେତନତା ଶିବିର

ଚାନ୍ଦିଲି(କୋଟପାଡ଼), ୮।୯(ଡି.ଏନ.ଏ.)

କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ କୋଟପାଡ଼ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ନିଶାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ତ୍ରିପାଠୀ , ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ପୂର୍ବତନ ସଭାପତି ପଙ୍କଜ ପାତ୍ର, ଜିତେନ୍ଦ୍ର ନାଥ ମହାପାତ୍ର, କିଶୋର ଚନ୍ଦ୍ର ମିଶ୍ର, ସମିତି ସଦସ୍ୟ ସତ୍ୟନାରାୟଣ ବ୍ରହ୍ମା, ଆଇନଜୀବୀ ବିଦ୍ୟୁତଲତା ମୁଦୁଲି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏସିଡ଼ି ଆକ୍ରମଣ,ବଳାତ୍କାର ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରତି ଆଇନ ସହାୟତା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଆଇନଜୀବୀ ବାବୁଲି ନାୟକ, ପାରା ଲିଗାଲ ଭଲ୍ୟୁଣ୍ଟିୟର ହେମନ୍ତ ପାତ୍ର. ଅନିଲ ପଟ୍ଟନାୟକ, ରାଧାକୃଷ୍ଣ ପ୍ରମୁଖ ନାଟକ ପରିଚାଳନା କରିଥିଲେ। କୋର୍ଟ କର୍ମଚାରୀ ସରୋଜ ଖୁରା, କାହ୍ନୁଚରଣ ନାୟକ, ତାରାପ୍ରସାଦ ପାଣିଗ୍ରାହୀ , ଆଶୀଷ ବାରିକ୍ , ମମତା ଭତରା, ଦେବେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କୋଟପାଡ଼ କଲେଜରେ ଅନୁଷ୍ଠିତ ସଚେତନତା ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

■ ରାଷ୍ଟ୍ରୀୟ ଲୋକ ଅଦାଲତ

## ତୁଟିଲା ୧୭୦ ମାମଲା

ଜୟପୁର,୮।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ନିରନ୍ତର ଲୋକ ଅଦାଲତ ପକ୍ଷରୁ ଶନିବାର ଜୟପୁର ଜିଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୩୨୬୯ଟି ମାମଲା ମଧ୍ୟରୁ ୧୭୦ ମାମଲାର ଆପୋଷ ବୁଝାମଣା ସହ ସମାଧାନ କରାଯାଇ ୮୪,୬୬,୩୮୦ ଟଙ୍କା ବକେୟା, କ୍ଷତିପୂରଣ ଏବଂ ଜରିମାନା ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ, ବ୍ୟାଙ୍କ ଚେକ ବାଉନସ ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା । ଏଥିରେ ଜିଲାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ ମିଶ୍ର, ଭିଜିଲାନ୍ସ ଜଜ୍ ସୋମ ଶେଖର ଜେନା, ପରିବାର ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଏଡିଜେ ରାଜକିଶୋର ଲେଙ୍କା, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ପ୍ରାଧିକରଣ ସଚିବ ଲଳିତ ମଞ୍ଜରୀ ପଟ୍ଟନାୟକ, ସିଜେଏମ ଲୋପାମୁଦ୍ରା ପଣ୍ଡା, ଏସଡିଜେଏମ୍ ଦୁର୍ବାସା ଦୁର୍ଗା ମାମଲାଗୁଡ଼ିକର ବିଚାର କରିଥିଲେ। ଜିଲା ଆଇନଜୀବୀ ସଂଘ ସଭାପତି ବୀରେଶ ପଟ୍ଟନାୟକ ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଯକ୍ଷ୍ମା ନିରାକରଣ କର୍ମଶାଳା

ଦଶମନ୍ତପୁର, ୮।୯(ଡି.ଏନ.ଏ)

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଯକ୍ଷ୍ମା ନିରାକରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୀବନଜ୍ୟୋତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଚିତ୍ତରଞ୍ଜନ ଜେନା, ସୁଦୀପ୍ତ ପ୍ରଧାନ, ଅହଲ୍ୟା ମୁଦୁଲି, ଗିର୍ଲିଗୁମ୍ମା ଉପ ସ୍ୱାସ୍ଥ୍ୟକେନ୍ଦ୍ର ସୁପରଭାଇଜର ହରେକୃଷ୍ଣ ପାତ୍ରଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀମାନେ ଯୋଗଦେଇଥିଲେ। ଏଥିରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇ ପଞ୍ଜୀକରଣ କରାଯିବା ସହ କି କି ଲକ୍ଷଣ ଦେଖାଦେଲେ ଯକ୍ଷ୍ମାରୋଗ ହୋଇଛି ବୋଲି ଜାଣିପାରିବ ସେ ନେଇ ଉପସ୍ଥିତ ଆଶା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାସ୍ଥ୍ୟ ଅଧିକାରୀ ଜେନା ଅବଗତ କରାଇଥିଲେ। ଯକ୍ଷ୍ମା ବିଭାଗର ତାଲିମଦାତା ତପନ ପଣ୍ଡା ଏହାକୁ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭ୍ରମଣ

ଦାମନଯୋଡ଼ି,୮।୯(ଡି.ଏନ.ଏ.)

ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ବିଭାଗ-୨ର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ର ସେମାନଙ୍କ ପାଠ୍ୟପୁସ୍ତକ ଅନ୍ତର୍ଗତ ବିଭିନ୍ନ ସାଧାରଣ ଅନୁଷ୍ଠାନ ପରିଭ୍ରମଣ କରିଥିଲେ। ଶିରିଡ଼ି ସାଇ ମନ୍ଦିର, ଚର୍ଚ୍ଚ, ଡାକଘର, ନର୍ସରୀ, ମସ୍‌ଜିଦ୍, ବ୍ୟାଙ୍କ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। ବିଦ୍ୟାଳୟର ଟିଆଇସି ସୁନନ୍ଦା ଦେବୀଙ୍କ ତତ୍ତ୍ୱାବଧାନରେ ଦୁଇଶହ ଛାତ୍ରୀଛାତ୍ର ସାମିଲ ହୋଇ ଶୈକ୍ଷିକ ଭ୍ରମଣ କରିଥିଲେ।

## ଫଟୋରେ ଖବର


ଲକ୍ଷ୍ମୀପୁରଠାରେ ତୈଳଦର ବୃଦ୍ଧି ପ୍ରତିବାଦରେ ବ୍ଲକ ବିଜେଡି ଯୁବ ସଭାପତି ପିଣ୍ଟୁ କୌଶଲ୍ୟାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ସେମିଳିଗୁଡ଼ାରେ ବିଜେଡ଼ି ପକ୍ଷରୁ ଧାରଣାରେ ବ୍ଲକ୍ ଅଧ୍ୟକ୍ଷ ଦିନେଶ ଖରା, ସୁନାବେଡ଼ା ପୌରାଧ୍ୟକ୍ଷ ଶୁଭଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଓ ଅନ୍ୟ ଦଳୀୟ କର୍ମୀ।


ଦଶମନ୍ତପୁର ବ୍ଲକ ମୁଣ୍ଡିଗୁଡା ବିଦ୍ୟାଳୟରେ ଶନିବାର ବିଶ୍ୱ ହାତଧୁଆ ଦିବସରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୀବନଜ୍ୟୋତି ଜେନା ପିଲାଙ୍କୁ ସଚେତନ କରୁଛନ୍ତି।

## ସଂକ୍ଷେପରେ



### ରାୟଗଡ଼ା ମହିଳା କଲେଜରେ କ୍ୟାରିୟର କାଉନସେଲିଂ

ରାୟଗଡ଼ା ଅଫିସ,୮।୯: ରାୟଗଡ଼ା ସହରରେ ଥିବା ମହିଳା ମହାବିଦ୍ୟାଳୟରେ ଶନିବାର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏନେଇ ଆୟୋଜିତ ସଭାରେ ଅଧ୍ୟକ୍ଷା ସୁଷମା ଦାସ ସଭାପତିତ୍ୱ କରିଥିଲେ। ଏହା ଦୁଇ ଦିନ ଧରି ଚାଲିଥିଲା । ପ୍ରଥମ ଦିନ କର୍ମସ ଜୋନର ନିର୍ଦ୍ଦେଶକ ଶିବପ୍ରସାଦ ସାହୁ ପିଲାମାନଙ୍କୁ ଆତ୍ମନିଯୁକ୍ତି କିପରି ହୋଇପାରିବ ସେ ନେଇ ସୂଚନା ଦେଇଥିଲେ । ଦ୍ୱିତୀୟ ଦିନ ରାୟଗଡ଼ା ଆଞ୍ଚଳିକ ଶିକ୍ଷ କେନ୍ଦ୍ରର ପିଆରଓ ସବ୍ୟସାଚୀ ସାହୁ ପିଲାମାନଙ୍କୁ ବିଭିନ୍ନ ଉଦ୍ୟୋଗ କରିବା ଓ ଏଥିପାଇଁ ମିଳୁଥିବା ସରକାରୀ ସହାୟତା ସମ୍ପର୍କରେ କହିଥିଲେ । ବିଭିନ୍ନ କ୍ୟାରିୟର ଗଠନ ସମ୍ପର୍କରେ ସୁରେଶ ମହାପାତ୍ର କହିଥିଲେ । ଏହି କାର୍ଯ୍ୟକ୍ରମକୁ ଡ଼ା. ଅର୍ଚ୍ଚନା ପଟ୍ଟନାୟକ, ସରିତା ମିଶ୍ର, ଅଧ୍ୟାପିକା ଲିଷା ପଣ୍ଡା, ସଂଯୋଜନା କରିଥିଲେ ।

### ୩୫ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ



ଗୁଣପୁର,୮।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବ୍ଲକର ଗୋଠଳପଦର, ଜଗନ୍ନାଥପୁର ଏବଂ ଦେବରଗୁଡା ଅଞ୍ଚଳରେ ଶନିବାର ଉଜ୍ଜ୍ୱଳା ଯୋଜନାରେ ୩୫ ଜଣ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଇଛି। ଭାଜପାର ଯୁବମୋର୍ଚ୍ଚା ସଭାପତି ସୁମନ ସାହୁକାର ଉପସ୍ଥିତ ରହି ଏହା ବଣ୍ଟନ କରିଥିଲେ ।

### ଲୋକ ଅଦାଲତରେ ଜରିମାନା ଆଦାୟ



ଗୁଣପୁର,୮।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏସଡିଜେଏମ ବିଭୁଦତ୍ତ ନାୟକ ୧୧୯ ଫୌଜଦାରୀ ମାମଲାର ଫଇସଲା କରି ୧୫,୧୦୦ ଟଙ୍କା ଜରିମାନା ଆଦାୟ କରିଥିଲେ । ସେହିପରି ୬ଟି ସିଭିଲ ମାମଲା ଫଇସଲା ହୋଇଥିଲା । ଏଡିଜେ ନିଶିଥ ନିଶଙ୍କ, ସବଜଜ୍ ସତ୍ୟ ନାରାୟଣ କରଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ ।

### ରାସ୍ତା ଶୋଚନୀୟ, ମରାମତି ଦାବି



ଟିକିରି,୮।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଫରେଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଦେଇ ଲୋକେ ଷ୍ଟେଶନ,ମନ୍ଦିର, ଓ ବିଭିନ୍ନ ଗ୍ରାମକୁ ଯାତାୟତ କରିବା ସହ ଛାତ୍ରୀଛାତ୍ର ସ୍କୁଲକୁ ଯାଇଥାନ୍ତି । ସାମାନ୍ୟ ବର୍ଷାରେ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି । ଏହି ରାସ୍ତା ଦେଇ ଲୋକେ ଯାତାୟତ କରିବାରେ ବହୁ ଅସୁବିଧା ଭୋଗୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ଗତ ୨୧ ତାରିଖରେ ବଣିକ ସଂଘ ଓ ଟିକିରି ପୋଲିସ ଉକ୍ତ ରାସ୍ତାକୁ ମରାମତି କରିଥିଲେ । କିନ୍ତୁ ଏବେ ପୁଣି ରାସ୍ତା ଶୋଚନୀୟ ହୋଇପଡ଼ିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।

■ଜେକେ କାଗଜକଳ ଠିକା ଶ୍ରମିକଙ୍କ ଦାବି ପ୍ରସଙ୍ଗ

# ୧୭ରେ ହେବ ପୁଣି ଆଲୋଚନା

ଜେକେପୁର,୮।୯(ଡ଼ି.ଏନ.ଏ)

ଜେକେପୁରସ୍ଥିତ ଜେକେ କାଗଜ କଳରେ କାର୍ଯ୍ୟରତ ୪ହଜାର ଠିକା ଶ୍ରମିକଙ୍କ ସିଆଇଟିୟୁ ଅନୁବନ୍ଧିତ ଠିକା ଶ୍ରମିକ ସଂଘ ଓ ଏମ୍ପ୍ଲୋଇଜ ୟୁନିୟନର ୧୩ ଦଫା ଦାବି ନେଇ ଆସନ୍ତା ୧୭ ତାରିଖରେ ପୁଣି ଆଲୋଚନା ହେବ । ଏଥିଲାଗି ସହକାରୀ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ହାଜର ହେବା ନିମନ୍ତେ ଚିଠି ସଂଖ୍ୟା ୨୯୫୮(୨)/ଏଏଲସି/୫।୯।୧୮ରେ ଉଲ୍ଲେଖ କରାଯାଇଛି। ସେହିପରି ଗତ ଶୁକ୍ରବାର ସନ୍ଧ୍ୟାରେ ଠିକା ସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦାବି ହାସଲ ନ ହେବା ଯାଏଁ କମ୍ପାନୀ ବିପକ୍ଷରେ ଲଢେଇ ଜାରି ରହିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିରେ ସିଟୁ ଜିଲା ସଭାପତି ହରେନ୍ଦ୍ରନାଥ ଚନ୍ଦନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, କଂଗ୍ରେସର ବରିଷ୍ଠ ନେତା ମକରନ୍ଦ ମୁଦୁଲି, ସାଧାରଣ ସମ୍ପାଦକ ପେଦେଣ୍ଟି ରାମୁ, ଉପସଭାପତି ସୀତାରାମ ପେଦେଣ୍ଟି,ମୋଟର ୟୁନିୟନ ଉପସଭାପତି ୟେଦୁ ଗଣେଷ, ସିଟୁ ନେତା ଗଣେଷ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି,ଦୀର୍ଘ ଦିନ ହେଲା ଜେକେ କାଗଜକଳରେ ଶ୍ରମିକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି । ଠିକା ଶ୍ରମିକ ସଂଘ ପକ୍ଷରୁ ୧୪ଦଫା ଦାବି ନେଇ ଗତ ୨୪ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି କମ୍ପାନୀ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଫଳରେ କମ୍ପାନୀରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଯାହାକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ପରିସ୍ଥିତି ଜଟିଳ ହେବାରୁ ଜିଲା ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ଆଲୋଚନା କରାଯାଇ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା କରାଯାଇଥିଲା। ଏଥିରେ ଉଭୟ ପକ୍ଷ ପର୍ଯ୍ୟାୟକ୍ରମେ ଦାବିଗୁଡିକ ଉପରେ ଆଲୋଚନା ହେବା ପାଇଁ ସହମତି ପ୍ରକାଶ କରିଥିଲେ।



ବୈଠକରେ ଯୋଗଦେଇଥିବା ଶ୍ରମିକ ନେତା ଓ ଅନ୍ୟମାନେ।



ଅଧ୍ୟାପକମାନେ ଆନ୍ଦୋଳନ ଚଳାଇଛନ୍ତି ।

## ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ମୁନିଗୁଡ଼ା,୮।୯(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ା ବ୍ଲକର ୫ଟି ବ୍ଲକ ଗ୍ରାଣ୍ଟ ହାଇସ୍କୁଲର କାର୍ଯ୍ୟବନ୍ଦ ଆନ୍ଦୋଳନ ଜୋରସୋରରେ ଚାଲିଥିବା ବେଳେ ବର୍ତ୍ତମାନ ଦୁଇଦିନ ଧରି ମୁନିଗୁଡା ଡିଗ୍ରୀ ମହାବିଦ୍ୟାଳୟରେ ୬୬୨ ବର୍ଗର ଅଧ୍ୟାପକମାନେ ମଧ୍ୟ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ଏ ନେଇ ଆସନ୍ତା ୧୨ ତାରିଖରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର +୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଥିବା ବେଳେ ଛାତ୍ରୀଛାତ୍ରମାନେ ଏବେ ଚିନ୍ତାରେ ପଡ଼ିଛନ୍ତି । ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଯୋଗୁ ପାଠପଢ଼ା ଠପ୍ ହୋଇଯାଇଛି । ଫଳରେ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ମିଳିତ ମଞ୍ଚର କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି ।

## ଡିଆରଏମ୍‌ଙ୍କ ନିର୍ଦ୍ଦେଶକୁ ବେଖାତିର

ମୁନିଗୁଡା, ୮।୯ (ଡି.ଏନ୍.ଏ.)

ଆସନ୍ତା ଅକ୍ଟୋବରରେ ଭୁବନେଶ୍ୱର ରେଳବାଇ ଜେନେରାଲ ମ୍ୟାନେଜର ମୁନିଗୁଡ଼ା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ଗତ ୧ ତାରିଖରେ ସମ୍ବଲପୁର ଡିଆରଏମ୍ ଜୟଦୀପ ଗୁପ୍ତା ତରବରିଆ ଭାବେ ମୁନିଗୁଡା ରେଳଷ୍ଟେଶନ ଗସ୍ତ କରିଥିଲେ। ଉକ୍ତ ଗସ୍ତ ବେଳେ ଡିଆରଏମ୍‌ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ମଧ୍ୟ ଆସି ମୁନିଗୁଡା ରେଳଷ୍ଟେଶନର ବିଭିନ୍ନ ସମସ୍ୟା ଉପରେ ତଦାରଖ କରିଥିଲେ । ଏଥିସହ ସମସ୍ତ କାର୍ଯ୍ୟଗୁଡିକୁ ଦୁଇଦିନ ମଧ୍ୟରେ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ଼ିଆରଏମଙ୍କ ଉକ୍ତ ଗସ୍ତବେଳେ ମୁନିଗୁଡାର ସଙ୍ଗଠନର ସଦସ୍ୟ ଓ ବ୍ୟକ୍ତି ବିଶେଷ ଷ୍ଟେଶନରେ ଲାଗିଥିବା ହାଇମାକ୍ସ ଲାଇଟ୍ ଠିକ୍ ଭାବେ ଜଳୁ ନ ଥିବା, ରେଳଫାଟକଠାରେ ଦୁଇଟି ହମ୍ପସ କଟାଯିବା, ଷ୍ଟେଶନରେ ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍‌କାଟ ହେଲେ ଷ୍ଟେଶନ ଅନ୍ଧାର ହେବା, ଷ୍ଟେଶନ ପରିସରରେ ବିଭିନ୍ନ ଅନାବନା ଗଛ ସହ ଅଳିଆ ଆବର୍ଜନା ସଫା ନ ଥିବା, ଫାଟକର ଉଭୟ ପାର୍ଶ୍ୱରେ ରାସ୍ତା ମରାମତି କରିବା ଆଦି ମୁଖ୍ୟ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ଏଥିସହ ବିଶେଷ କରି ରେଳ ଫାଟକଠାରେ ଭୁତଳ ରାସ୍ତା ଓ ସକାଳ ୭ରୁ ୮ଟା ସମୟରେ ରାୟଗଡ଼ା ଅଭିମୁଖେ ଏକ ଟ୍ରେନ ଚଳାଚଳ ନିହାତି ଆବଶ୍ୟକ ବୋଲି ଦାବି କରିଥିଲେ । ଇତିମଧ୍ୟରେ ଡ଼ିଆରଏମଙ୍କ ଗସ୍ତ କରିବାର ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ଷ୍ଟେଶନ ପରିସରରେ କୌଣସ କାର୍ଯ୍ୟ କରାଯାଇ ନାହିଁ। ଡିଆରଏମ୍‌ଙ୍କ ଏହି ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଖୋଲାଖୋଲି ଭାବେ ବେଖାତିର କରିଥିବା ଜଣାଯାଇଛି। ଅନ୍ୟପଟେ ମୁନିଗୁଡା ରେଳଷ୍ଟେଶନରେ ରେଳରୋକୋ କରାଯିବାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ସଜବାଜ ଚାଲିଛି।

## ଅର୍ବାନ ମାଓମାଦୀ ନାମରେ ଗିରଫଦାରୀକୁ ବିରୋଧ

ରାୟଗଡା,୮।୯(ଡି.ଏନ୍.ଏ.)

ସିପିଆଇ (ମାଓବାଦୀ) ସଂଗଠନ ପକ୍ଷରୁ ଅର୍ବାନ ମାଓବାଦୀ ନାମରେ ମାନବାଧିକାର କର୍ମୀ, ଖବରଦାତା ଓ ବୁଦ୍ଧିଜୀବୀଙ୍କ ଗିରଫଦାରୀକୁ ବିରୋଧ କରାଯାଇଛି । ମାଓବାଦୀ ସଂଗଠନର ଓଡ଼ିଶା ରାଜ୍ୟ କମିଟି ପ୍ରବକ୍ତା ଚକରା ବିଷୋୟୀ ଏକ ପ୍ରେସ୍ ବିବୃତ୍ତି ଜାରି କରି ଏହି ବିରୋଧାଭାସ ଜଣାଇଛନ୍ତି। କେନ୍ଦ୍ର ସରକାର ଜନ ବିରୋଧୀ ନୀତିକୁ ବିରୋଧ କରୁଥିବା ଲୋକଙ୍କୁ ମାଓବାଦୀ ଦର୍ଶାଇ ଗିରଫ କରୁଥିବା ଦର୍ଶାଇଛନ୍ତି । ଗୋ ରକ୍ଷା ନାମରେ ନରହତ୍ୟା କରୁଥିବା ବ୍ୟକ୍ତି ବିଶେଷଙ୍କୁ ହତ୍ୟା କରାଯାଉଛି। ମାଓବାଦୀଙ୍କ ସହ ଏନ୍‌କାଉଣ୍ଟର ଆଳରେ ସୁନାବେଡାର ଦୁଇ ଗ୍ରାମବାସୀଙ୍କୁ ଗୁଳିକରି ଆହତ କରିବା, ଆଇନଜୀବୀ ଉପେନ୍ଦ୍ର ନାଏକଙ୍କୁ ମିଥ୍ୟା ମାଓବାଦୀ ମାମଲାରେ ଗିରଫ କରିବା, ଡୁଡୁକାମାଲା ଓ ସୁଡୁକମ୍ପାର ୭ ଜଣ ବିପ୍ଳବୀଙ୍କୁ ହତ୍ୟା କରିବା, ନିୟମଗିରିରେ ଜନ ଆନ୍ଦୋଳନର ନେତା ଓ କର୍ମୀ ଲଦ ସିକ୍କା, କାମ୍ବୁ ଗରଡ ଓ ଡମ୍ବୁ ସିକକାଙ୍କୁ ଅପହରଣ ଓ ନିର୍ଯାତନା ଦେବା ପରି କାର୍ଯ୍ୟ କରାଯାଉଛି। ଲୋଭ ଓ ଭୟ ଦେଖାଇ ଡଙ୍ଗରିଆ ଯୁବକଯୁବତୀଙ୍କୁ ପୋଲିସ ଇନଫର୍ମର ବନାଯାଉଛି ବୋଲି ପ୍ରେସ ବିବୃତ୍ତିରେ ଉଲ୍ଲେଖ ରହିଛି। ଗିରଫ କରାଯାଇଥିବା ଖବରଦାତା, ଆଇନଜୀବୀ, ସମାଜସେବୀଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରାଯାଇଛି ।

## ୯ ଦିନ ଧରି ଗୁଣପୁରକୁ ଟ୍ରେନ ଚଳାଚଳ ବନ୍ଦ

ଗୁଣପୁର,୮।୯(ଡି.ଏନ.ଏ)

ଗୁଣପୁରକୁ ଆସୁଥିବା ବିଭିନ୍ନ ଟ୍ରେନ ଆସନ୍ତା ୯ ଦିନ ପାଇଁ ବନ୍ଦ ରହିବ । ଫଳର ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ବିଶାଖାପାଟଣା ନିକଟ କତାଭାଲସାଠାରେ ସିଗ୍‌ନାଲିଂ ମରାମତି କାର୍ଯ୍ୟ କରାଯିବ । ଏଥିଲାଗି ଗୁଣପୁରକୁ ଆସୁଥିବା ଟ୍ରେନଗୁଡିକ ବନ୍ଦ ରହିବ ବୋଲି ଜଣାପଡିଛି । ଗୁଣପୁର ପୁରୀ ପାସେଞ୍ଜର ଟ୍ରେନ ୧୦ ରୁ ୧୮ ତାରିଖ ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ । ସେହିପରି ପୁରୀ–ଗୁଣପୁର ୧୧ରୁ ୧୯ ତାରିଖ ପର୍ଯନ୍ତ, ପଲାସା–ଗୁଣପୁର ୧୦ରୁ ୧୮ ଏବଂ ଗୁଣପୁର–ପଲାସା ପାସେଞ୍ଜର ଟ୍ରେନ ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଳାଚଳ କରିବ ନାହିଁ । ତେବେ ରାଉରକେଲା–ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ ସ୍ୱାଭବିକ ଭାବେ ଚଳାଚଳ କରିବ । ହେଲେ ବିଶାଖାପାଟଣା –ଗୁଣପୁର ଏବଂ ଗୁଣପୁର–ବିଶାଖାପାଟଣା ପାସେଞ୍ଜର ଟ୍ରେନ ଚଳାଚଳ କରିବ ନା ନାହିଁ ତାହା ସନ୍ଦେହରେ ରହିଛି । ରେଳ ଉଚ୍ଚକର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ସମସ୍ତ ରେଳ ଚଳାଚଳ ସ୍ୱାଭାବିକ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ସାକ୍ଷରତା ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ରାୟଗଡ଼ା ଅଫିସ/ଜେକେପୁର, ୮।୯(ଡ଼ି.ଏନ.ଏ)

ରାୟଗଡ଼ା ବ୍ଲକ ତରଫରୁ ଶନିବାର ଜେକେପୁରଠାରେ ଅନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଏଥିରେ ରାୟଗଡ଼ା ବ୍ଲକ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାକ୍ଷରତା ରାଲିର ଶୁଭାରମ୍ଭ କରିଥିଲେ । ଏହି ରାଲି ଭେଙ୍କେଟେଶ୍ୱର ମନ୍ଦିର ନିକଟରୁ ବାହାରି ଜେକେପୁର ଓ ଚାନ୍ଦିଲିର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ମନୋରଞ୍ଜନ କେନ୍ଦ୍ରରେ ପହଞ୍ଚିଥିଲା । ଏଥିରେ ରାୟଗଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ଏବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପି.ଗୋରୀଶଙ୍କର, ଚାନ୍ଦିଲି ସରପଞ୍ଚ ପେଦେଣ୍ଟି ସୁଆଲ, ସରସ୍ୱତୀ ବିଡ଼ିକା, ସୁପରଭାଇଜର ଜ୍ୟୋସ୍ନାମୟୀ ପଣ୍ଡା,ଜେକେ କାଗଜକଳର ପିଆରଓ ସୁନୀଲ ନାଥ, ହରିହର ଖମାରି, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଶିଶିର କୁମାର ମିଶ୍ର, ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଏଥିସହିତ ମନୋରଞ୍ଜନ କେନ୍ଦ୍ରରେ ଆୟୋଜିତ ସଚେତନତା ବୈଠକରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର,ବିଜୁ ଯୁବ ବାହିନୀର କର୍ମୀ, ଅଙ୍ଗନୱାଡ଼ି କର୍ମୀ , ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୋପାଳ ପଣ୍ଡା, ଧନସିଂ ହିକ୍‌କା,ଚୈତନ୍ୟ ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ସର୍ବେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ ।



ବିଜେଡ଼ିରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ଓ ଅନ୍ୟମାନେ ।

## ୫୦ରୁ ଉର୍ଦ୍ଧ୍ୱ ବିଜେଡିରେ ସାମିଲ

ରାୟଗଡ଼ା ଅଫିସ,୮।୯

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଉଷ୍ମତା ବଢିବାରେ ଲାଗିଛି । ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଲୋକାପାଇ ଗ୍ରାମରେ ରାୟଗଡ଼ା ଜିଲା ବିଜେଡ଼ି ଉପସଭାପତି ବି.ତିରୁପତିଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ଗୀତା କଣ୍ଡାଗିରି, ଉପାଧ୍ୟକ୍ଷ ତେଜରାଜ ନାଗ, ଜିଲାପରିଷଦ ସଭ୍ୟ ଟମି ହିମରିକା, ବ୍ଲକ ସଭାପତି ବିକ୍ରମ ପିରବାକା, ବାବୁନି ଦୋରା, ଜଳନ୍ଧୁ କଣ୍ଡାଗିରି, ଗୋପୀନାଥ ମୁସିକାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକଙ୍କ ଉପସ୍ଥିତ ଥିଲେ । ଏହି ଅବସରରେ କୋଲନରା ବ୍ଲକ ଅଧୀନ ରେଖାପଦର, ଦୁନ୍ଦୁଲା ଓ କୈଳାସପୁର ପଞ୍ଚାୟତର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି । କଂଗ୍ରେସର ବରିଷ୍ଠ ନେତା ସର୍ବେଶ୍ୱର ରାଓ, ସେଶା ରାଓ ଓ ବୁରସା ଟିଗଲ ସମର୍ଥକଙ୍କ ସହିତ ବିଜେଡ଼ିରେ ଯୋଗ ଦେଇଛନ୍ତି ।

## ଶ୍ରଦ୍ଧାଞ୍ଜଳି ସଭା

ଗୁଣପୁର,୮।୯(ଡି.ଏନ.ଏ)

ଗୁଣପୁର ଆୟାପା ସଂଘ ପକ୍ଷରୁ ଶନିବାର ଗାନ୍ଧି ଛକଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କେରଳ ସ୍ଥିତ ଆୟାପା ଧାମର ମୁଖ୍ୟ ଗୁରୁ ସ୍ୱାମୀ ରାଜେନ୍ଦ୍ରଙ୍କ ଦେହାନ୍ତର ବର୍ଷ ପୂର୍ତ୍ତି ଅବସରରେ ଗୁଣପୁରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତାଙ୍କ ତୈଳ ଚିତ୍ରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା ଅଫିସ୍, ୮।୯

ରାୟଗଡ଼ା ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଶନିବାର ରାୟଗଡ଼ା ସିଭିଲ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଚାରପତି ଭାବେ ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ଜିଲା ଆଇନ୍‌ସେବା ପ୍ରାଧିକରଣର ସମ୍ପାଦକ ହୃଷିକେଶ ସାହୁ, ସିନିୟର ସିଭିଲ ଜଜ୍ ରୁଦ୍ର ପ୍ରସାଦ ମହାପାତ୍ର, ଏସ୍‌ଡ଼ିଜେଏମ୍ ସୁଚରିତା ମହାନ୍ତି, ନ୍ୟାୟଧିକାରୀ ବୈଶାଳୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ବ୍ୟାଙ୍କର ମାମଲା ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୧୦୩୬ଟି ମାମଲାରୁ ୧୫୪ ଟି ଫଇସଲା କରାଯାଇଥିଲା। ମୋଟ ୧୧ ଲକ୍ଷ ୩୭ ହଜାର ୭୯୬ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ବାର୍ ଆସୋସିଏଶନ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ସମେତ ସମସ୍ତ ଆଇନ୍‌ଜୀବୀ ଉପସ୍ଥିତ ଥିଲେ। ଜିଲା ଆଇନ୍‌ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ଲୋକ ଅଦାଲତରେ ମାମଲା ଫଇସଲା କରାଯାଉଛି ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ଧାରଣା

ମୁନିଗୁଡ଼ା/ବିଷମକଟକ,୮।୯(ଡ଼ି.ଏନ.ଏ)

ତୈଳଦର ବୃଦ୍ଧି ପ୍ରତିବାଦରେ ମୁନିଗୁଡ଼ା ବିଜେଡ଼ି ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଛି । ବିଜେଡ଼ି ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏହି ଧାରଣା କରିଛନ୍ତି । କର୍ମୀମାନେ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏଥିରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସୁଧୀର କୁମାର ଦାସ, ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥ୍ୱୀରାଜ ସାହୁ, ରାଜ୍ୟ ମହିଳା ସମ୍ପାଦିକା ସୁଜାତା ପାଳ, ଜିଲା ମହିଳା ସଭାନେତ୍ରୀ ଅନୁସୟା ମାଝି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସକୁନ୍ତଳା ନୁଣ୍ଡୁକା, ଅନିଲ ତାରିଣୀ, ଧୀରେନ୍ଦ୍ର ପାଣିଗ୍ରାହୀ, ବିଜେଡ଼ି ଜିଲା ଯୁବ ସଭାପତି ବିନାୟକ କର, ଜିଲା ଛାତ୍ର ସଭାପତି ଅଭିନାଶ ବିଶୋଇ, ଚନ୍ଦ୍ରପୁର ବିଜେଡ଼ି ବ୍ଲକ ସଭାପତି ପ୍ରମୋଦ ସାହୁକାର, ମୁନିଗୁଡ଼ା ବିଜେଡ଼ିର ଶେଖ୍ ନାସାଦ, ଚକ୍ରପାଣି ମାର୍ଥା, ପ୍ରଶାନ୍ତ ମାଦଳା, ବୃନ୍ଦାବନ ପାଢୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ସେହିପରି ତୈଳଦର ବୃଦ୍ଧି ପ୍ରତିବାଦରେ ବିଷମକଟକରେ ଥିବା ୨ଟି ପେଟ୍ରୋଲ ପମ୍ପ ସମ୍ମୁଖରେ ବ୍ଲକ ଯୁବ, ଛାତ୍ର ଓ ମହିଳା ବିଜୁଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ପେଟ୍ରୋଲ ପମ୍ପକୁ ଆସିଥିବା ଲୋକମାନଙ୍କୁ ଦଳ ତରଫରୁ ପ୍ରଚାର ପତ୍ର ବଣ୍ଟାଯାଇ ସଚେତନତା କରାଯାଇଥିଲା ।କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ବାରମ୍ବାର ବୃଦ୍ଧି ଘଟୁଥିବା ଯୋଗୁ ତୈଳ ଦର ଆଉ ନିୟନ୍ତ୍ରଣରେ ନାହିଁ ବୋଲି ନେତା ଓ କର୍ମୀ ମାନେ ବୁଝାଇଥିଲେ। ଏଥିରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ପୃଥୀରାଜ ସାହୁ, ଯୁବଜିଲା ସାଧାରଣ ସମ୍ପାଦକ ଦେବୀ ପଟ୍ଟନାୟକ ଓ ଛାତ୍ର ବ୍ଲକ ସଭାପତି ଆଲୋକ ଦାସ ଙ୍କ ନେତୃତ୍ୱ ରେ ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଜିଲା ସମ୍ପାଦକ ସଂଜୀବ ପାତ୍ର, ବ୍ଲକ ଅଧ୍ୟକ୍ଷ ବିଜୟସନ୍ତି କୁମୁରିକା ,ସରପଞ୍ଚ କମଳା ପିଡ଼ିକା,ଜ୍ୟୋତି ସାହୁ ,ନାନୁ ପଣ୍ଡା ,ହରି ପତ୍ର , ବିପିନ ସାହୁ ,କୁନୁ ନାୟକଙ୍କ ସମତେ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ମୁନିଗୁଡାରେ ବିଜେଡ଼ି କର୍ମୀମାନେ ଧାରଣା ଦେଇଛନ୍ତି ।

## ସଂକ୍ଷେପରେ

### ତୈଳଦର ବୃଦ୍ଧିକୁ ବିଜେଡିର ବିରୋଧ

ପାଣ୍ଡ୍ରିପାଣି,୮।୯: ତୈଳଦର ବୃଦ୍ଧିର ପ୍ରତିବାଦରେ ଶନିବାର ବିଜେଡି ପକ୍ଷରୁ ଏଠାରେ ପେଟ୍ରୋଲପମ୍ପଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ନବରଙ୍ଗପୁର ଏମ୍‌ପି ପ୍ରତିନିଧି ପୀତାମ୍ବର ଗଟେ, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ମାଧବ ବଡନାୟକ, ଖଇରପୁଟ ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଅନନ୍ତ ଗୋଲରି, ବିଜୟ କୁମାର ନାୟକ, ରାଜ କୁମାର ଗର୍ଲେ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ତୈଳ ଦରବୃଦ୍ଧିକୁ ବିରୋଧ କରିଥିଲେ।

### ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡ଼ିଶା ଅଭିଯାନ
### ୪ ଜିଲାରେ ଗଠନ ହେବ ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ

ମାଲକାନଗିରି,୮।୯(ଡି.ଏନ.ଏ): ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ସମ୍ପୂର୍ଣ୍ଣ ମାଓବାଦୀ ହିଂସାମୁକ୍ତ ଓଡିଶା ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ ବା ଏଏନ୍‌ପିପିଏଫ୍ ଗଠନ ହେବ। ରାଜ୍ୟର ମାଓବାଦୀ ପ୍ରଭାବିତ ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ଏହା ଗଠନ ହେବ। ମୋଟ ୬୦୦ ଯୁବକଙ୍କୁ ନେଇ ଏହା ଆରମ୍ଭ ହେବ । ଏହି ବାହିନୀ ଗେରିଲା ଆର୍ମିକୁ ସାମ୍ନା କରିବେ ବୋଲି ହିଂସାମୁକ୍ତ ଓଡିଶା ଅଭିଯାନର ଆବାହକ ଭରତ ଭୂଷଣ କହିଛନ୍ତି। ରାଜ୍ୟରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ବିକାଶ କାମକୁ ତରାନ୍ୱିତ କରିବା ଓ ମାଓବାଦୀ ହିଂସାରୁ ଜନତାଙ୍କୁ ସୁରକ୍ଷା ଦେବାପାଇଁ ଏହି ବାହିନୀ ଗଠନ କରାଯାଇଥିବା ସେ କହିଛନ୍ତି। ମାଲକାନଗିରିର ଏସ୍. ଓ୍ୱିସା, କୋରାପୁଟ ଓ ରାୟଗଡାରେ ତ୍ରିନାଥ କୁମାର, କଳାହାଣ୍ଡି ଓ କନ୍ଧମାଳ ଦାୟିତ୍ୱରେ ପି. ପଲାସି ରହିବେ ବୋଲି ଜଣାପଡିଛି । ତେବେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଦ୍ୱାରା ଏମାନେ ପିଏଲ୍‌ଜିଏକୁ ମୁକାବିଲା କରିବେ। ତେବେ ହଜାର ହଜାର ସଂଖ୍ୟକ ବିଏସ୍‌ଏଫ୍ ଯବାନ ଓ ସିଆରପିଏଫ୍ ଭଳି ଅର୍ଦ୍ଧ ସାମରିକ ବାହିନୀ ଯେଉଁଠି ମାଓବାଦୀକୁ ମୁକାବିଲା କରିପାରୁନାହାଁନ୍ତି ସେଠାରେ ଏହି ଫୋର୍ସ ମାଓବାଦୀ ମୁକାବିଲା ନେଇ କେତେ ଦୂର ସଫଳ ହେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏନେଇ ପୋଲିସ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ । ଭରତଭୂଷଣଙ୍କ ମୋବାଇଲରୁ ହ୍ୱାଟ୍‌ସଆପ୍ ଯୋଗେ ବିଭିନ୍ନ ଗଣମାଧ୍ୟମକୁ ଏଭଳି ଘୋଷଣା ସମ୍ପର୍କରେ ଅବଗତ କରାଯାଇଛି।

### ୧୦ରେ ଜିଲା ବନ୍ଦ ଡାକରା ଦେଲା କଂଗ୍ରେସ

ମାଲକାନଗିରି, ୮।୯ (ଡି.ଏନ.ଏ): ଡିଜେଲ ଏବଂ ପେଟ୍ରୋଲ ଦର ବୃଦ୍ଧି ପ୍ରତିବାଦରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ଜିଲା ସଦର ମହକୁମାର ବିଭିନ୍ନ ପେଟ୍ରୋଲ ପମ୍ପ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ କଂଗ୍ରେସ ମଧ୍ୟ ଏହାକୁ ନେଇ ତା'ର ଦଳୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ଆସନ୍ତା ୧୦ ତାରିଖରେ ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଛି ଜିଲା କଂଗ୍ରେସ କମିଟି । ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ, ଅନୁସୂଚିତ ଜାତି ଜନଜାତି ସେଲ୍‌ର ଅଧ୍ୟକ୍ଷ ପର୍ଶୁରାମ ଭକ୍ତ ଦଳୀୟ କର୍ମୀଙ୍କୁ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ସହରର ବିଭିନ୍ନ ଗଳି କନ୍ଦିରେ ପ୍ରଚାର କରିଛନ୍ତି। ଆସନ୍ତା ୧୦ରେ ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରିଛନ୍ତି । ଏହି ବନ୍ଦ ଡାକରା ଜିଲାର ସଦର ମହକୁମାଠାରୁ ବ୍ଲକ ଏବଂ ପଞ୍ଚାୟତ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

### ଜାତୀୟ ପୁଷ୍ଟିସାର ସପ୍ତାହ ପାଳିତ

ଟିକିରି,୮।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଶିଶୁ ବିକାଶ ଯୋଜନାରେ ଜାତୀୟ ପୁଷ୍ଟିସାର ସପ୍ତାହ ପାଳିତ ହୋଇଯାଇଛି। ଟିକିରିର ଝୋଡ଼ିଆପୋଡ଼ା-୧,ଝୋଡ଼ିଆପୋଡ଼ା-୨, ଜାମୁଗୁଡ଼ା, ଗଉଡ଼ାସାହିସ୍ଥିତ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଠାରେ ସୁପରଭାଇଜର ପ୍ରତିମା ଦାସଙ୍କ ତତ୍ତ୍ୱାବଧାନରେ ଏହା ପାଳିତ ହୋଇଥିଲା। ଏଥିରେ ପିଲାମାନଙ୍କୁ କିପରି ଯତ୍ନ ନେବେ, କେଉଁ ଖାଦ୍ୟ ଖୁଆଇବା ଦରକାର ସେନେଇ ଅଙ୍ଗନଓ୍ୱାଡ଼ି କର୍ମୀମାନେ ମାଆମାନଙ୍କୁ ବୁଝାଇଥିଲେ ।

# ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ଧର୍ମଘଟ






ଶନିବାର ମାଲକାନଗିରି ଓ କାଲିମେଳାରେ ଅନୁଷ୍ଠିତ ହୋଇଥିବା ବିଜେଡିର ବିକ୍ଷୋଭ କାର୍ଯ୍ୟକ୍ରମ।

ମାଲକାନଗିରି/କାଲିମେଳା, ୮।୯(ଡି.ଏନ୍.ଏ.)

ତୈଳ ଦର ବୃଦ୍ଧି ପ୍ରତିବାଦରେ ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ଶନିବାର ଜିଲା ସଦର ମହକୁମାରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ କର୍ମୀଙ୍କ ସହ ବିଜେଡି ସମ୍ପାଦକ ପ୍ରଭାକର ପ୍ରଧାନ, ଗୋପାଳ ପଣ୍ଡା, ଆଡମା ରାବା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ବାବୁଲା ସାହୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଥିଲା । କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଦରବୃଦ୍ଧିକୁ ନିନ୍ଦା କରାଯାଇଥିଲା । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଦ୍ୱାରା ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ଘଟିବା ସହ ଗରିବ ଓ ଖାଉଟିମାନଙ୍କ ଉପରେ ପ୍ରଭାବ ପଡୁଛି ବୋଲି ପ୍ରକାଶ କରି କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧିକୁ ବିରୋଧ କରି ଶନିବାର ମାଲକାନଗିରି ଜିଲା କାଲିମେଳା ବିଜୁ ଜନତା ଦଳ ପକ୍ଷରୁ କାଲିମେଳାଠାରେ ଥିବା ସୁନ୍ଦରମ ଫିଲିଙ୍ଗ ଷ୍ଟେସନଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ କର୍ମୀମାନେ ଧାରଣା ଦେଇଥିଲେ। ଏହି ଅବସରରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ପେଟ୍ରୋଲ ପମ୍ପକୁ ଆସୁଥିବା ଜନସାଧାରଣଙ୍କୁ ଲିଫଲେଟ୍ ବଣ୍ଟନ କରାଯାଇଥିଲା । ବିଜୁ ଛାତ୍ର ଜନତା ଦଳର କର୍ମୀମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ଜିଲା ଯୁବ ସଭାପତି ଅନୁପ ମିସ୍ତ୍ରି, ବ୍ଲକ ସଭାପତି କାର୍ତ୍ତିକ ଦେବନାଥ, ସମ୍ପାଦକ ଶରତ ବିଶ୍ୱାଳ, ଇ. ଭେଙ୍କଟ ରାଓ, ବିଧାୟକ ପ୍ରତିନିଧି ବିପ୍ଳବ ବିଶ୍ୱାସ, ରୁଦ୍ର ପାତ୍ର, ଦିଲୀପ ବିଶ୍ୱାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ମାରଣ ନୀତିର ବିରୋଧ କରିଥିଲେ। ଏହାକୁ ତୁରନ୍ତ କମ କରିବାକୁ ଦାବି କରିଥିଲେ ।

## ବିଦ୍ୟାଳୟ ପକ୍ଷରୁ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୮।୯

ଚିତ୍ରକୋଣ୍ଡା ଆରଏସସି-୬ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଷ୍ଟମ,ନବମ ଓ ଦଶମ ଶ୍ରେଣୀର ୭୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ଗଦାଧର ପ୍ରଧାନ, ଭାମ୍ୟମାଣ ମହିଳା ସ୍ୱାସ୍ଥ୍ୟ ସହାୟିକା କବିତା ପାତ୍ର ଓ ସମାଜସେବୀ କ୍ଷୀରୋଦ କୁମାର ବେହେରା ଛାତ୍ରୀଛାତ୍ରମାନଙ୍କୁ କାଉନସେଲିଂ କରି ବିଭିନ୍ନ ବିଭାଗରେ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏବେ ଭବିଷ୍ୟତ ଗଠନ ଓ ଚାକିରି କରିବା ଅସମ୍ଭବ ହୋଇପଡୁଛି। ବହୁ ପ୍ରତିଯୋଗିତା ଓ ଚୟନ ପ୍ରକ୍ରିୟା କଠିନ ରହୁଥିବାରୁ ଏଥିପାଇଁ କଠୋର ପରିଶ୍ରମ କରି ଅଧିକ ନମ୍ବର ରଖିବାକୁ ପଡିବ ବୋଲି ପ୍ରଶିକ୍ଷକମାନେ ପରାମର୍ଶ ଦେଇଥିଲେ। ସେମାନେ କହିଥିଲେ ଯେ, ବର୍ତ୍ତମାନ ୧୦୦ ଜଣ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦/୬୦ ଜଣ ଉତ୍ତୀର୍ଣ୍ଣ ହେଉଥିବା ବେଳେ ୪୦ ଜଣ ଫେଲ ହେବା ଦେଖାଯାଉଛ। ଏହି ୫୦/୬୦ ପିଲାଙ୍କ ମଧ୍ୟରୁ ଅଧା ପିଲା ପାଠ ପଢୁଛନ୍ତି। ଅଧା ଅର୍ଥାଭାବ ଓ ଅନ୍ୟାନ୍ୟ କାରଣରୁ ପାଠ ଛାଡୁଛନ୍ତି। ପାଠ ଛାଡୁଥିବା ଏବଂ ଫେଲ ହେଉଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ମିଶିଲେ ଏମାନଙ୍କ ସଂଖ୍ୟା ୭୦ ପ୍ରତିଶତ ହେବ। ଏଥିରୁ ୪୦/୫୦ ଜଣ ପିଲା ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଅବଶିଷ୍ଟ ୨୦/୩୦ ଜଣ ପିଲା ଗ୍ରାମରେ ରହି ଚାଷ କରୁଛନ୍ତି। ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ମାଧ୍ୟମରେ ଜିଲା ସ୍ତରରେ ଚୟନ କରାଯାଇ କାର୍ପେଟ, ମିସ୍ତ୍ରି,ଟେଲରିଂ,ପାଷ୍ଟିକ, ପାଇପ ଆଦି ତାଲିମ ପାଇଁ ପଠାଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିରୁ ଛାତ୍ରୀଛାତ୍ରମାନେ ଫାଇଦା ଉଠାଇ ନିଜ ଭବିଷ୍ୟତ ଗଠନ କରିପାରବେ ବୋଲି କାଉନ୍‌ସେଲିଂ କରୁଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବ୍ରଜବନ୍ଧୁ ନାୟକ, ଉମ୍ବରୁଧର ଗଲରି ଓ ପଦ୍ମନାଭ ରାଉତରା ସହଯୋଗ କରିଥିଲେ ।

## ମାଲକାନଗିରିରେ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି, ୮।୯(ଡି.ଏନ.ଏ)

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟରେ ଅନୁଷ୍ଠିତ ହୋଇଛି । ଏହି ଲୋକ ଅଦାଲତରେ ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ମାନସ କୁମାର ମିଶ୍ର, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଜ୍ଞାନଳିନୀ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦେବାଶିଷ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି ଜୀବନାନନ୍ଦ ପାଢୀ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ଉପଖଣ୍ଡ ଦଣ୍ଡାଧିକାରୀ ସୁଚେତା ତ୍ରିପାଲିନି, ପ୍ରଥମଶ୍ରେଣୀ ଦଣ୍ଡାଧିକାରୀ ଅସିତ କୁମାର ସିଂ ପ୍ରମୁଖ ରାଜ୍ୟର ଶେଷ ସୀମାନ୍ତ ମୋଟୁଠାରେ ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତର ଏନ୍.ଆଇ. ଧାରାର ମକଦ୍ଦମା ସହ ୬ଟି ବୈବାହିକ ମକଦ୍ଦମା, ଦୁର୍ଘଟଣାଜନିତ କ୍ଷତିପୂରଣ, ବିଦ୍ୟୁତ୍ ବିଭାଗ ମାମଲାର ସମାଧାନ କରି ମୋଟ ୧୨, ୦୪, ୮୩୪ ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

ସେହିପରି ବ୍ୟାଙ୍କ ଋଣ ମାମଲାର ସମାଧାନ କରି ୧ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଅମରେଶ ନାୟକ ଗୋଟିଏ ବୈବାହିକ ପ୍ରାକ୍ ମକଦ୍ଦମା ଆପୋସ ମିଳାମିଶା ମଧ୍ୟରେ ସମାଧାନ କରିଥିଲେ। ଜିଲାର ବନ ଅଧିକାରୀ ଏହି ଲୋକ ଅଦାଲତରେ ଜଙ୍ଗଲ ସମ୍ବନ୍ଧୀୟ ୨୫ଟି ପ୍ରାକ୍ ମକଦ୍ଦମାର ଫଇସଲା କରି ଜରିମାନା ବାବଦକୁ ୧୫ ହଜାର ଟଙ୍କା ଆଦାୟ କରିଥିଲେ । ଏହି ଲୋକ ଅଦାଲତରେ କୋର୍ଟର କର୍ମଚାରୀ ଓ ଓକିଲ ଉପସ୍ଥିତ ଥିଲେ ।

## ରାସବେଢ଼ା ସରପଞ୍ଚଙ୍କୁ ପୋଷଣ ଚାମ୍ପିୟନ ପୁରସ୍କାର

ଖଇରପୁଟ, ୮।୯ (ଡି.ଏନ୍.ଏ.)




ଅତିଥିମାନେ ସରପଞ୍ଚଙ୍କୁ ସମ୍ମାନିତ କରୁଛନ୍ତି।

ଜାତୀୟ ପୁଷ୍ଟି ସପ୍ତାହ ଅବସରରେ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ରାସବେଡା ପଞ୍ଚାୟତର ସରପଞ୍ଚ ପ୍ରମିଳା ଗୁଛା ପୋଷଣ ଚାମ୍ପିୟନ ପୁରସ୍କାର ପାଇଛନ୍ତି। ସେ ମମତା ଯୋଜନା, ମଧ୍ୟାହ୍ନଭୋଜନ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସାମାଜିକ ସମୀକ୍ଷା, ଗ୍ରାମସଭାର ସଫଳ ରୂପାୟନ କରିବା ଦିଗରେ ପଦକ୍ଷେପ ନେଉଥିଲେ। ଅଙ୍ଗନଓ୍ୱାଡି ବିଦ୍ୟାଳୟ, ଗ୍ରାମ ପରିଦର୍ଶନ, ପଞ୍ଚାୟତ ମାସିକ ବୈଠକ, ପୁଷ୍ଟି ଯୋଜନାକୁ ପଞ୍ଚାୟତ ବୈଠକରେ ଆଲୋଚନା କରିବା ସହ ସ୍କୁଲ ଓ ଅଙ୍ଗନଓ୍ୱାଡି ଘର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେଉଥିଲେ। ନୂତନ ଚାଉଳ କାର୍ଡ ଆବେଦନ, ନୂତନ ଭତ୍ତା ପ୍ରଦାନ ଦିଗରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଖାଦ୍ୟ ଆୟୋଗର ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ଉପସ୍ଥିତ ଥିଲେ। ତେବେ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେଉଥିବାରୁ ଗୁଛା ଏହି ଉତ୍ସବରେ ଯୋଗଦେଇ ପାରିନାହାନ୍ତି। ପରେ ସ୍ୱେଡ୍ ଅନୁଷ୍ଠାନ ମାଧ୍ୟମରେ ମାଲକାନଗିରି ଠାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସଙ୍କ ଦ୍ୱାରା ଏହି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱେଡ୍‌ର ଜିଲା ସଂଯୋଜକ ରତିକାନ୍ତ ବେହେରାଙ୍କ ସମେତ ଅନ୍ୟ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଘରୋଇ ବସ୍ ମାଲିକ ସଂଘ ଦୁଇ ଭାଗ
### ନୂଆ ଟିକେଟ କାଉଣ୍ଟର ଉଦ୍‌ଘାଟିତ

ମାଲକାନଗିରି, ୮।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘକୁ ନେଇ ଗତ ଦୁଇମାସ ଧରି ଉପୁଜିଥିବା ବିବାଦ ଶେଷରେ ସଂଘକୁ ଦୁଇଭାଗ କରିଛି। ନୂତନ ଭାବେ ରମେଶ ପଟ୍ଟନାୟକ ନିଜକୁ ସଂଘର ଦାବିଦାର କହି କାର୍ଯ୍ୟାଳୟକୁ ଅକ୍ତିଆର କରିଥିବା ବେଳେ ଏହି ଘଟଣାକୁ ନେଇ ଭକ୍ତ ରାଉତ ଓ ରମେଶ ପଟ୍ଟନାୟକ ଗୋଷ୍ଠୀ ଉଭୟେ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୂର୍ବରୁ ଥିବା ସଭାପତି ଭକ୍ତ ରାଉତଙ୍କୁ ୪ଜଣ ବସ୍ ମାଲିକ ସମର୍ଥନ ଜଣାଇଥିବାରୁ ପୋଲିସ ପ୍ରଶାସନ ଭକ୍ତଙ୍କୁ ଅନ୍ୟ ଏକ କାଉଣ୍ଟର ଖୋଲିବାକୁ ପରାମର୍ଶ ଦେଇଥିଲା। ଶନିବାର ବସ୍‌ଷ୍ଟାଣ୍ଡ ପରିସରରେ ଭକ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ରଜବନ୍ତ କୌର ନୂତନ ଟିକେଟ କାଉଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଚିତ୍ତ ମହାନ୍ତି, ଆଇନଜୀବୀ ତଥା ପରାମର୍ଶଦାତା ରାଜେଶ ପଟ୍ଟନାୟକ, ଅଶୋକ ରାଉତ, ମଣ୍ଟୁ ବାବୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଘରୋଇ ବସ୍ କର୍ମଚାରୀ ଉପସ୍ଥିତ ଥିଲେ।



ଟିକେଟ୍ କାଉଣ୍ଟର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ କାହ୍ନୁ



@ ସୁନୀଲ



@ ଲୋକନାଥ



@ କେଶବ



@ ଶ୍ରୀନିବାସ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ରାୟଗଡ଼ା ଷ୍ଟେଶନରୁ ୧୫ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡ଼ା ଅଫିସ,୮।୯

ରାୟଗଡ଼ା ଷ୍ଟେଶନରୁ ଶନିବାର ରାତିରେ ଜିଆରପି ପୋଲିସ ୧୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି । ସେଥିମଧ୍ୟରୁ ୯ ଜଣ ନାବାଳିକା ,୪ ନାବାଳକ ଓ ୨ ଜଣ ବାଳକ ଅଛନ୍ତି । ସେମାନେ ବିଳସପୁର-ତିରୁପତି ଟ୍ରେନରେ ଯିବା ପାଇଁ ୧ ନଂ ପ୍ଲାଟଫର୍ମରେ ଅପେକ୍ଷା କରିଥିଲେ । ଖବରପାଇ ଜିଆରପି ଆଇଆଇସି ସୁରେନ୍ଦ୍ର କୁମାର ଶବରଙ୍କ ସହ ଅନ୍ୟ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ପଚାରଉଚରା କରିଥିଲେ । ସେମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା କହିଥିଲେ । ପରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ଚାଇଲଡ଼ ଲାଇନକୁ ଖବର ଦେଇଥିଲା । ଚାଇଲଡ଼ ଲାଇନ ଜିଲା ସଂଯୋଜକ ପ୍ରତାପ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଥାନାରେ ପହଞ୍ଚିଥିଲେ । ସମସ୍ତ ନାବାଳିକାଙ୍କୁ ସ୍ନେହ ଗୃହକୁ ପଠାଯାଇଥିବା ବେଳେ ବାଳକଙ୍କୁ ଚାଇଲଡ଼ ଲାଇନରେ ରଖାଯାଇଛି।

## କାଦୁଅ ରାସ୍ତାରେ ଫସିଲା ଆମ୍ବୁଲାନ୍ସ

ମାଥିଲି, ୮।୯(ଡି.ଏନ୍.ଏ)




ଫସିଯାଇଥିବା ୧୦୨ ଆମ୍ବୁଲାନ୍ସକୁ ଯୁବକମାନେ ଠେଲି ବାହାର କରୁଛନ୍ତି।

କାଦୁଅ ରାସ୍ତାରେ ଫସିଲା ଆମ୍ବୁଲାନ୍ସ। ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣୁଥିବା ବେଳେ ୧୦୨ ଆମ୍ବୁଲାନ୍ସ କାଦୁଅରେ ଫସିଯାଇଥିବା ଶନିବାର ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ଯୁବକମାନେ ଆମ୍ବୁଲାନ୍ସକୁ ଠେଲି କାଦୁଅରୁ ବାହାର କରିଥିଲେ। ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ସିନ୍ଧାବେଡା ମୁଖ୍ୟରାସ୍ତାରେ ଚେଡେଙ୍ଗା ପଞ୍ଚାୟତରୁ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣୁଥିବା ୧୦୨ ଆମ୍ବୁଲାନ୍ସ ରାସ୍ତାରେ ଦବି ଯାଇଥିଲା। ବହୁ ଚେଷ୍ଟା ସତ୍ତ୍ୱେ ଗାଡି ବାହାରିପାରୁ ନ ଥିଲା। ଏହା ଦେଖି ସିନ୍ଧାବେଡା ଗ୍ରାମର କିଛି ଯୁବକ ଗାଡିକୁ ଠେଲିଥିଲେ। ଫଳରେ ଆମ୍ବୁଲାନ୍ସ ଦବିଯାଇଥିବା ସ୍ଥାନରୁ ବାହାରିଥିଲା। ଏହାପରେ ଗର୍ଭବତୀ ମହିଳାଙ୍କୁ ଆଣି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ଏଭଳି ଘଟଣା ପ୍ରଥମ ଥର ନୁହେଁ ବରଂ ବାରମ୍ବାର ଘଟିଚାଲିଛି। ମାତ୍ର ରାସ୍ତା ଦୁରବସ୍ଥା ପ୍ରତି ପ୍ରଶାସନ ଧ୍ୟାନ ଦେଉନାହିଁ ବୋଲି ସିନ୍ଧାବେଡା ଗ୍ରାମର ଯୁବକମାନେ କହିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି। ମାଥିଲିଠାରୁ କାଳିଆଗୁଡା ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡିଛି। କର୍ଦ୍ଦମାକ୍ତ ରାସ୍ତାରେ ଲୋକେ ଦହଗଞ୍ଜ ହେଉଛନ୍ତି। ବାରମ୍ବାର ଏନେଇ ଜିଲା ପ୍ରଶାସନ ନିକଟରେ ଦାବି କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନଠାରୁ ନିରାଶ ହେବା ପରେ ଦାମାପଡା ଗ୍ରାମର ଯୁବକ ସଂଘ ସଦସ୍ୟମାନେ କିଛି ଦୂର ପର୍ଯ୍ୟନ୍ତ ରାସ୍ତାରୁ କାଦୁଅ ବାହାର କରିଥିଲେ। ଏହି ରାସ୍ତା ଦେଇ ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଆଦି ରହିଛି। ପ୍ରତିଦିନ ଛାତ୍ରୀଛାତ୍ରମାନେ ଯାତାୟାତ କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ ତଳସାହି ସ୍କୁଲ ଠାରୁ କଲେଜ ପର୍ଯ୍ୟନ୍ତ ୨୦୦ ମିଟର ରାସ୍ତା ଗତ ଶୁକ୍ରବାର ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଜାଡିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୯ /୨୦୧୮ Rayagada,Sunday, September 9 / 2018

# ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡିର ବିକ୍ଷୋଭ





ନବରଙ୍ଗପୁରଠାରେ ଏମ୍‌ପି ବଳଭଦ୍ର ମାଝି ଓ ବିଜେଡି ନେତାମାନେ ବିକ୍ଷୋଭ କରୁଛନ୍ତି। ଚନ୍ଦାହାଣ୍ଡିର ଏକ ପେଟ୍ରୋଲପମ୍ପ ଆଗରେ ବିଜେଡିର ବିକ୍ଷୋଭ ।



ଡାବୁଗାଁଠାରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ନବରଙ୍ଗପୁର/ଚନ୍ଦାହାଣ୍ଡି/ଡାବୁଗାଁ/ ପାପଡାହାଣ୍ଡି,୮।୯(ବି.ପ୍ର/ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ତୈଳ ମନ୍ତ୍ରାଳୟର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓ ଜନବିରୋଧି ମନୋଭାବ ଯୋଗୁଁ ଡିଜେଲ, ପେଟ୍ରୋଲ ଓ ଗ୍ୟାସ ଦର ବୃଦ୍ଧି ପାଇବାରେ ଲାଗିଛି । ତୈଳଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଉଛି । ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ଜିଲାର ସମସ୍ତ ପେଟ୍ରୋଲ ପମ୍ପ ନିକଟରେ ପ୍ରଚାରପତ୍ର ବଣ୍ଟନ ସହ କେନ୍ଦ୍ରର ଜନବିରୋଧି ମନୋଭାବର ଦୃଢ ନିନ୍ଦା ନେତାମାନେ କରିଥିଲେ । ନବରଙ୍ଗପୁର ମାଝିଗୁଡା ନିକଟ ପେଟ୍ରୋଲ ପମ୍ପ ନିକଟରେ ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ଏମପି ବଳଭଦ୍ର ମାଝୀ, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଅନୁସୂଚିତ ଜନଜାତି ପରିଷଦର ଉପାଧ୍ୟକ୍ଷା ମଂଜୁଳା ମାଝୀ, ନଗର ବିଜେଡି ସଭାପତି ପ୍ରମୋଦ ରଥ, ସମ୍ପାଦକ ରବି ପଟ୍ଟନାୟକ, ଛାତ୍ର ବିଜେଡି ସଭାପତି ଦିଲୁ ପଣ୍ଡା, ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ସୁନିଳ ସାହୁ ଉପସ୍ଥିତ ରହି ଲିଫଲେଟ ବଣ୍ଟନ କରି ସଚେତନ କରାଇଥିଲେ । ସେହିପରି ଚନ୍ଦାହାଣ୍ଡି ବ୍ଲକରେ ଥିବା ୨ଟି ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲ ପମ୍ପକୁ ଆସୁଥିବା ଗ୍ରାହକଙ୍କୁ ପ୍ରଚାରପତ୍ର ବଣ୍ଟାଯାଇ ସଚେତନ କରାଯାଇଥିଲା। କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ବାରମ୍ବାର ବୃଦ୍ଧି ଘଟୁଥିବା ଯୋଗୁ ତୈଳଦର ଆଉ ନିୟନ୍ତ୍ରଣରେ ନାହିଁ ବୋଲି ଲୋକମାନଙ୍କୁ ନେତା ଓ କର୍ମୀମାନେ ବୁଝାଇଥିଲେ ।ଏଥିସହ ଚନ୍ଦାହାଣ୍ଡି ସହର ପରିକ୍ରମା କରି ଲୋକଙ୍କୁ ସଚେନତ କରିଥିଲେ। ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ବ୍ଲକ ସାଧାରଣ ସମ୍ପାଦକ ଯୁବରାଜ ଜଗତ, ଜିଲା ସାଧାରଣ ସମ୍ପାଦକ ବଳରାମ ପଟ୍ଟନାୟକ, ଯୁବ ବିଜେଡି ବ୍ଲକ ସଭାପତି ତ୍ରିନାଥ ଦାସ, ମାଇନୋରୋଟି ମୋର୍ଚ୍ଚା ବ୍ଲକ ସଭାପତି ମହମ୍ମଦ ଇକବାଲ, ଜିଲା ସମ୍ପାଦକ ମଧୁସୂଦନ ନାଗେଶ, କ୍ଷେମ ନାୟକ, ଚଇତୁ ରାମ ଦଣ୍ଡସେନା, ରତ୍ନାକର ପୁଜାରୀ, ଶରତ ମାଝି, ଲକ୍ଷ୍ମୀଧର ବାଘ, ମୁରାଦ ଅଲ୍ଲୀ, ପର୍ଶୁରାମ ବାଘ, କମଲୁ ମନହିରା, ଉଦଲୁ ନାୟକ, ମୋତିଲାଲ ସାହୁ, ଡମ୍ବରୁଧର ପାତ୍ର, ଚଣ୍ଡିମଲ ବାଘ, ଅଭିନ ମାଝି, ହେମରାଜ ବେଶ୍ରା, ଗୋପାଳ ତ୍ରିପାଠୀ, ଡସିଲ ମାଝି, ନିନ୍ଦିରାମ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ଡାବୁଗାଁ ବ୍ଲକର ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ତରଫରୁ ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲ ପମ୍ପକୁ ଆସିଥିବା ଲୋକମାନଙ୍କୁ ପ୍ରଚାରପତ୍ର ବଣ୍ଟାଯାଇ ସଚେତନତା କରାଯାଇଥିଲା। ଏଥିରେ ଜିଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ପର୍ଯ୍ୟବେକ୍ଷକ ଅଶୋକ କୁମାର ମୂର୍ତ୍ତି, ଡାବୁଗାଁ ବ୍ଲକ ସଂଯୋଜକ ଉପେନ୍ଦ୍ର ମିଶ୍ର, ଜିଲା ଯୁବ ବିଜେଡି ଉପସଭାପତି ପ୍ରକାଶ ମାଝି, ଏମପି ପ୍ରତିନିଧି ଏମ୍.ଆପ୍ପା ରାଓ, ସୋମନାଥ ବିଶୋଇ, ବ୍ଲକ ବିଜେଡି ଉପସଭାପତି ପି.ନାଗାରାଓ, ବିଜୟ କୁମାର ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଟି. ଜୁଗୁନୁ , ରାମକୁମାର ଗଣ୍ଡ, ଏମ. ବାସି ରାଓ, ପାପନା ରେଲି ପ୍ରମୁଖ ଉପସ୍ଥିତ ଥିଲେ। ପାପଡାହାଣ୍ଡି ଠାରେ ବିଜେଡି କର୍ମୀମାନେ ପେଟ୍ରୋଲ ପମ୍ପରେ ଧାରଣା ଦେବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଲୋକ ମାନଙ୍କୁ ଲିଫ ଲେଟ ବଣ୍ଟନ କରିଥିଲେ । । ବ୍ଲକ ସଭାପତି ବିଦ୍ୟାଧର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଶେଖ ଇକବାଲ, ଆଦିବାସୀ ବିକାଷ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ସୋମନାଥ ବିଶୋୟୀ , ସୁଶାନ୍ତ ବହେରା, ସାହିଲ ପଟ୍ଟନାୟକ, ମହମ୍ମଦ ଗୁଫରାନ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ମାମଲାର ଫଇସଲା କରାଯାଉଛି ।

**ନବରଙ୍ଗପୁର,୮।୯(ଡି.ଏନ୍.ଏ.)**

ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ ରାଜେନ୍ଦ୍ର ପାଣିଗ୍ରାହୀ ଏକ ଆର୍ବିଟ୍ରେସନ ଜନିତ ଇପି କେସ୍ ୧,୫୭,୯୫୯.୪୦ଟଙ୍କାରେ ଫଇସଲା କରିଛନ୍ତି । ବ୍ୟାଙ୍କର ୩୨ଟି ପ୍ରାକ୍ ମକଦ୍ଦମା ଫଇସଲା କରାଯାଇ ୭,୯୮,୮୮୯ ଟଙ୍କାର ଋଣ ଆଦାୟ କରାଯାଇଛି। ବରିଷ୍ଠ ଦେୱାନୀ ଜର୍ଜ ଚୌଧୁରୀ ପବୀର କୁମାର ୨ଟି ଦେୱାନୀ କେସ୍‌ର ଆପୋସ ଫଇସଲା କରିଛନ୍ତି । ପରିବାର ବିଚାର ବିଭାଗୀୟ ଜଜ ବିକ୍ରମ ପ୍ରଧାନ ୨ଟି କେସ୍‌ର ଆପୋଷ ମିଳାମିଶା ମାଧ୍ୟମରେ ଫଇସଲା କରିଛନ୍ତି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି ମୋଟ ୨ଟି ପାରିବାରିକ କେସ୍‌ର ଫଇସଲା କରିଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର ୨ଟି ମିସ୍ କେସ୍ ଫଇସଲା କରି ୬ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି । ଉପଖଣ୍ଡ ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର ୫ଟି ମିସ୍ କେସ୍ ଫଇସଲା କରି ୧୩,୨୫୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅନ୍ୟାନ୍ୟ ୨୫ଟି ଫୌଜଦାରୀ ମକଦ୍ଦମା ଫଇସଲା କରିଛନ୍ତି। ଜିଲାର ଅନ୍ୟାନ୍ୟ ଅଦାଲତ ତରଫରୁ ୨୧ଟି ବେଲର ମିସ୍‌କେସ୍ ଓ ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଛି । ଜିଲା ଆଇନ ସେବା ପ୍ରାଧୀକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଏହି ଲୋକ ଅଦାଲତ ପରିଚାଳନା କରିଥିଲେ ।




■ ୨୩ ଦିନ ବିତିଲା, ଖୋଲିଲାନି ସ୍କୁଲ ତାଲା

## ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀଙ୍କ ଆଲୋଚନା ବିଫଳ



ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

**ନବରଙ୍ଗପୁର,୮।୯(ବି.ପ୍ର)**

ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ସଦର ମହକୁମା ଚଟାହାଣ୍ଡି ୟୁଜିହାଇସ୍କୁଲରେ ତାଲା ପଡିବାର ଶନିବାର ୨୩ ଦିନରେ ପହଞ୍ଚିଛି। ସ୍କୁଲ ତାଲା ଖୋଲିବା ନେଇ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଶନିବାର ହୋଇଥିବା ଆଲୋଚନା ବିଫଳ ହୋଇଛି। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ନେଇ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିବାରୁ ସ୍କୁଲ ତାଲା ଖୋଲା ହୋଇ ପାରି ନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ, ଏବିଡିଓ ରବି ଚନ୍ଦ୍ର କଅଁର, ବିଇଓ ଚିତ୍ତରଞ୍ଜନ ପାଣିଗ୍ରାହୀ, ଏବିଇଓ ଜଗବନ୍ଧୁ ସୌରା, ଡିପିଓ ବସନ୍ତ ପାତ୍ର, ସିଆରସିସି ବୈଦ୍ୟନାଥ ଦାଶ ସ୍କୁଲରେ ପହଞ୍ଚିଥିଲେ। ବର୍ତ୍ତମାନ ସ୍କୁଲର ୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବଦଳି କରାଯିବ। ବର୍ତ୍ତମାନ ବଦଳି ସିଜନ ନାହିଁ। ପରବର୍ତ୍ତୀ ସମୟରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରଙ୍କୁ ବଦଳି କରାଯିବ । ପାଚେରୀ , ଶ୍ରେଣୀ ଗୃହ ପାଇଁ ଅନୁଦାନ ଦିଆଯିବ ବୋଲି ଡିପିଓ କହିଥିଲେ। କିନ୍ତୁ ଗ୍ରାମବାସୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଅଟଳ ରହିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି କରା ନ ଗଲେ ସ୍କୁଲ ତାଲା ଖୋଲା ଯିବ ନାହିଁ ବୋଲ ଗ୍ରାମବାସୀ କହିଥିଲେ। ସୋମବାର ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ।

■ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ

## ଲହରାକାନିକୁ ହରାଇ ଫାଇନାଲରେ ପାପଡାହାଣ୍ଡି ଦଳ

**ପାପଡାହାଣ୍ଡି,୮।୯ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଦଳେଇଗୁଡା ଠାରେ ଚାଲିଥିବା ଆନ୍ତଃଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟର ଶନିବାର ସେମିଫାଇନାଲ ମ୍ୟାଚ ପାପଡାହାଣ୍ଡି ଓ ଲହରାକାନି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାପଡାହାଣ୍ଡି ଦଳ ଲହରାକାନି ଦଳକୁ ୧-୦ ଗୋଲରେ ପରାସ୍ତ କରି ଫାଇାନଲରେ ପ୍ରବେଶ କରିଛି । ରବିବାର ଫାଇନାଲ ମ୍ୟାଚରେ ପାପଡାହାଣ୍ଡି ଦଳ ତାରାଗାଁ ଦଳକୁ ଭେଟିବ । ସେମିଫାଇନାଲ ମ୍ୟାଚରେ ଅତିଥି ଭାବେ ସୁଶାନ୍ତ ବେହେରା ଯୋଗ ଦେଇଥିଲେ ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

## ମେଗା ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ନନ୍ଦାହାଣ୍ଡି, ୮।୯(ଡି.ଏନ.ଏ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବଡ ଡାଇଭଟା ଗ୍ରାମରେ ମେଗା ଜଳପ୍ରକଳ୍ପ ଶନିବାର ଉଦଘାଟିତ ହୋଇଯାଇଛି। ଭିଡିଓ କନଫରେନ୍ସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ବଳଭଦ୍ର ମାଝି, ବିଧାୟକ ମନୋହର ରନ୍ଧାରୀ, ଜିଲାପାଳ ଅଜିତ କୁମାର ମିଶ୍ର, ଏସପି ବିବେକାନନ୍ଦ ଶର୍ମା, ଜିଲା ବିଜେଡି ସଭାପତି ଅର୍ଜୁନ ତ୍ରିପାଠୀ, ମଞ୍ଜୁଳା ମାଝି, ଭଗବତୀ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୮ଟି ଗ୍ରାମର ହଜାର ହେକ୍ଟର ଜମି ପାଇଁ ଜଳଯୋଗାଣ ସମ୍ଭବପର ହୋଇପାରିବ। ଏହି ପ୍ରକଳ୍ପ ଦ୍ୱାରା ଉଭୟ ରବି ଓ ଖରିଫ ଚାଷ କରିବା ପାଇଁ ଚାଷୀ ଉପକୃତ ହେବେ ବୋଲି ଅତିଥିମାନେ ମାନେ କହିଥିଲେ। ବ୍ଲକର ଇନ୍ଦ୍ରାବତୀ ନଦୀରେ ୪ଟି ଗ୍ରାମରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏକମ୍ବା, ନୂଆଗାଁ, ମାଳିଗୁଡା ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବଡ ଡାଇଭଟା ପ୍ରକଳ୍ପ ଉଦଘାଟିତ ହୋଇଛି। ଅନ୍ୟ ୩ଟି ପ୍ରକଳ୍ପ ଶୀଘ୍ର ଉଦଘାଟନ ହେବ ବୋଲି ବିଧାୟକ ରନ୍ଧାରୀ କହିଥିଲେ।




■ ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବି

# କ୍ରିୟାନୁଷ୍ଠାନ କମିଟିର ବୈଠକ

**ନବରଙ୍ଗପୁର,୮।୯(ବି.ପ୍ର.)**

ନବରଙ୍ଗପୁର ମହାବିଦ୍ୟାଳୟ ଜିଲାର ସର୍ବପୁରାତନ । ୪୮ ବର୍ଷ ଧରି ଏହି ମହାବିଦ୍ୟାଳୟକୁ ବିଭିନ୍ନ ସମୟରେ ସରକାରୀ ମାନ୍ୟତା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଛାତ୍ର ସଙ୍ଗଠନ ମଧ୍ୟ ଆନ୍ଦୋଳନ କରିଛି । ୩୧ ତାରିଖରେ ମୁଖ୍ୟମନ୍ତ୍ରୀ କେବଳ ଭିତ୍ତିଭୂମି ବିକାଶ ପାଇଁ ଦେଢ କୋଟି ଟଙ୍କା ଘୋଷଣା କଲେ । ଜିଲାବାସୀଙ୍କ ବିଶ୍ୱାସ ଓ ଦାବୀକୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ନବରଙ୍ଗପୁର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଜିଲାରେ ଯୁକ୍ତ ଦୁଇ ପରେ ଉଚ୍ଚ ଶିକ୍ଷା ପାଇଁ ଗୋଟିଏ ମାତ୍ର ମହାବିଦ୍ୟାଳୟ ପ୍ରତି ଭରସା କରିଥାନ୍ତି। ଛାତ୍ରୀଛାତ୍ର ଉଚ୍ଚ ଡୋନେସନ ଦେଇ ପାଠ ପଢି ପାରୁ ନାହାନ୍ତି। ଏହି ଜିଲାର ଛାତ୍ରୀଛାତ୍ର ଜିଲା ବାହାରକୁ ଯାଇ ଖର୍ଚ୍ଚାନ୍ତ ହୋଇ ପାଠ ପଢୁଛନ୍ତି । ଗରିବ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି । ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ପାଇଲେ ବିଭିନ୍ନ ପାଠ୍ୟକ୍ରମର ବିଭାଗ ଖୋଲାଯାଇ ପାରନ୍ତା। ଅନ୍ତ୍ୟତଃ ପକ୍ଷେ ଆର୍ଥିକ ଅନାଟନରେ ରହିଥିବା ତଥା ଗରିବ ପିଲାଙ୍କ ପାଇଁ ସହାୟକ ହୋଇ ପାରନ୍ତା ।



ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ଏବଂ ଅନ୍ୟମାନେ ।

ସରକାର ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ଘୋଷଣା ନକରିବା ପରିତାପର ବିଷୟ । ଏନେଇ ନବରଙ୍ଗପୁର ସୌରାସାହି କଲ୍ୟାଣ ମଣ୍ଡପ ଠାରେ ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଗଣେଶ ଦାଶ ସଭାପତିତ୍ୱରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଓକିଲ ସଂଘ ସଭାପତିଙ୍କ ଆହ୍ୱାନ କ୍ରମେ ଏହି କମିଟି ଗଠନ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା । କମିଟି କୌଣସି ରାଜନୈତିକ ଉଦ୍ଦେଶ୍ୟକୁ ନନେଇ ଜିଲାରେ ଶିକ୍ଷାର ବିକାଶ ଓ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଉପରେ ସମସ୍ତ ଦଳ ନିର୍ବିଶେଷରେ ଲଢେଇ କରିବ । ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବେ । ଜିଲାର ବିଭିନ୍ନ ସଙ୍ଗଠନ, ସଂଘକୁ ଏଥିରେ ସାମିଲ କରାଯିବ । ମହାବିଦ୍ୟାଳୟ ପକ୍ଷରୁ ସରକାରୀ କଲେଜ ପାଇଁ କଣ ସବୁ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଛି । ସମସ୍ତ ସ୍ଥିତି ଉପରେ ମଧ୍ୟ ଅନୁଧ୍ୟାନ ରଖିବ। ଲିଫଲେଟ ତଥା ପ୍ରଚାର ପତ୍ର ବଣ୍ଟନ କରିବ । ଏନେଇ ଜିଲା ସମସ୍ତ ସଂଘ ଓ ଜନସାଧାରଣଙ୍କ ସହଯୋଗ କାମନା କରିଛି। ନବରଙ୍ଗପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମୁଖ୍ୟ ପ୍ରସଙ୍ଗ ରହିଥିଲେ ହେଁ ଅନ୍ୟ ମହାବିଦ୍ୟାଳୟ ମାନଙ୍କୁ କିଭଳି ଅନୁଦାନ ସରକାର ଯୋଗାଇବେ ସେ ନେଇ ମଧ୍ୟ

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ଦାବିପତ୍ର

■ ଜିଲାବାସୀଙ୍କୁ ନେଇ ହେବ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

ଆଲୋଚନା ହୋଇଥିଲା । ଏହି କମିଟି ସମ୍ପୂର୍ଣ୍ଣ ନୁହେଁ । ଜିଲାର ବୁଦ୍ଧିଜୀବୀ ମାନଙ୍କୁ କମିଟିରେ ସାମିଲ କରାଯିବା ସହ ସେମାନଙ୍କ ମତାମତ ଲୋଡାଯିବ। ସମସ୍ତ ଜିଲାବାସୀଙ୍କୁ ନେଇଁ ପ୍ରଥମେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ । ଏଥିରେ ସରକାର ନ ମାନନ୍ତି ତେବେ ପରବର୍ତ୍ତି ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ସାହିତ୍ୟିକ ନାରାୟଣ ପଣ୍ଡା, ଜିଲା ଓକିଲ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ଲୋକନାଥ ପାଳ, ଭାଜପା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଜିଲା ଜନଜାତି ସୁରକ୍ଷା ମଞ୍ଚର ଦିବାକର ପୂଜାରୀ, ଗୌରୀ ମାଝୀ, ମୃତ୍ୟୁଞ୍ଜୟ ମହାରଣା, ଅନନ୍ତ ପଣ୍ଡା, ସିରାଜ ଉଦ୍ଦିନ ଅହମ୍ମଦ, ସରୋଜ ବେହେରା, ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀ, ଶ୍ରୀଧର ପାତ୍ର , ଏ. ଶତିଶ ସମେତ ବହୁ ସଂଖ୍ୟାରେ ଯୁବକ ଓ ପୁରାତନ ଛାତ୍ରମାନେ ଯୋଗ ଦେଇଥିଲେ ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ



### ୩ ସ୍ଥାନରେ ସ୍ଥାପନ ହେବ ଟ୍ରାନ୍ସଫର୍ମର

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରର ୩ଟି ସ୍ଥାନରେ ସାଉଥ୍‌କୋ ପାରଳାଖେମୁଣ୍ଡି ଡିଭିଜନ ପକ୍ଷରୁ ଟ୍ରାନ୍ସଫର୍ମର ସ୍ଥାପନ କରାଯିବ। ଏଥିଯୋଗୁ ସହରରେ ଆଉ ବିଦ୍ୟୁତ ବିଭ୍ରାଟ ସମସ୍ୟା ରହିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଦୀର୍ଘ ୧୫ ବର୍ଷ ହେବ ୧.୬ ଏମ୍.ବି. ପାୱାର ୩ଟି ଟ୍ରାନ୍ସଫର୍ମର ସହରର ୩ଟି ସ୍ଥାନରେ ରହିଥିଲା। ସେଗୁଡିକୁ ପରିବର୍ତ୍ତନ କରାଯାଇ ୫ ଏମ୍.ବି. ପାୱାରର ୩ଟି ଟ୍ରାନ୍ସଫର୍ମର ସ୍ଥାପନ କରାଯିବାକୁ ସ୍ଥିର ହୋଇଛି। ବର୍ତ୍ତମାନ ଗୋଟିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଆଗକୁ ଅନ୍ୟ ୨ଟି ଶକ୍ତିଶାଳୀ ଟ୍ରାନ୍ସଫର୍ମର ସ୍ଥାପନ କରାଯିବ। ଏହା ସହରର ବିଦ୍ୟୁତ ବିଭ୍ରାଟ ସମସ୍ୟାକୁ ଦୂର କରିବ ବୋଲି ସାଉଥ୍‌କୋର ସହକାରୀ ଯନ୍ତ୍ରୀ ଅଭିଷେକ ରଥ କହିଛନ୍ତି।

### ୧୦ରେ ବନ୍ଦ ପାଳନ ପାଇଁ କଂଗ୍ରେସର ପ୍ରସ୍ତୁତି

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.):** କଂଗ୍ରେସ ପକ୍ଷରୁ ଆସନ୍ତା ୧୦ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏଆଇସିସି ଏବଂ ପିସିସି ଆହ୍ୱାନ କ୍ରମେ ଗଜପତି ଜିଲା କଂଗ୍ରେସ ପକ୍ଷରୁ ମଧ ବନ୍ଦ ପାଳନ କରାଯିବ। ଏ ନେଇ ପ୍ରସ୍ତୁତି ଚାଲିଥିବା ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲାରେ ତଥା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଏହି ବନ୍ଦ ପାଳନ ସଫଳ କରିବା ପାଇଁ ସମସ୍ତ କର୍ମୀଙ୍କୁ ବିଧାୟକ କେ.ସୂରିୟା ରାଓ ଆହ୍ୱାନ ଦେଇଛନ୍ତି। ପାରଳାଖେମୁଣ୍ଡି, ଗୋଷାଣି, କାଶୀନଗର ଓ ବିଭିନ୍ନ ପଞ୍ଚାୟତରେ ବନ୍ଦ ପାଳନ ସଫଳ କରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ବିଭିନ୍ନ ଛାମୁଆ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ବନ୍ଦପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଢଙ୍ଗରେ କରିବା ସହ କୌଣସି ହିଂସାତ୍ମକ କାର୍ଯ୍ୟରୁ କର୍ମୀମାନେ ନିବୃତ୍ତ ରହିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ତୈଳଦର ବୃଦ୍ଧିକୁ ସମାଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ତିରୁପତି ପାଣିଗ୍ରାହୀ, ପୌର ଉପାଧକ୍ଷ ସଞ୍ଜୟ ଅଧିକାରୀ, ଜିଲା ପରିଷଦ ସଭ୍ୟ ହିମାଂଶୁ ଲିମା, ବିଧାୟକ ପ୍ରତିନିଧି କେ.ରାମସ୍ୱାମୀ, ସଂଗ୍ରାମ ସାହୁ, ମନୋଜ ସାହୁ, କୃଷ୍ଣ ବେହେରା, ବିଭୂତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

# କାର୍ଯ୍ୟକ୍ଷମ ହେଲା ବଥବା ପ୍ରକଳ୍ପ

**କାଶୀନଗର, ୮।୯(ଡି.ଏନ.ଏ)**

■ ୧୧୦୨ ହେକ୍ଟର ଚାଷଜମିକୁ ମିଳିବ ଜଳ

■ ଉପକୃତ ହେବେ ୨ ପଞ୍ଚାୟତ ଅଧୀନ ୧୧ ଗ୍ରାମର ଚାଷୀ

ରାଜ୍ୟ ଜଳସମ୍ପଦ ବିଭାଗ ଦ୍ୱାରା ୯ଟି ଜିଲାର ପାର୍ବତୀ ଗିରି ବୃହତ ଉଠାଜଳସେଚନ ପ୍ରକଳ୍ପକୁ ଶନିବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗଜପତି ଜିଲା କାଶୀନଗର ବ୍ଲକ ଅଧୀନ ବଥବା ପଞ୍ଚାୟତର ବଂଶଧାରା ନଦୀରେ ୩୨.୭୧କୋଟି ଟଙ୍କା ବ୍ୟୟରେ ନିର୍ମିତ ମେଗା ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ ହେବା ସହ କାର୍ଯ୍ୟକ୍ଷମ ହୋଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା, ପାରଳାଖେମୁଣ୍ଡି ବିଧାୟକ କେ. ସୂରିୟା ରାଓ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରି, ଜିଲା ପରିଷଦ ସଦସ୍ୟା ସୁକାନ୍ତି ଶବର, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପ୍ରୋଜେକ୍ଟ ମ୍ୟାନେଜର ରବିଶଙ୍କର ଲାଡି ଏବଂ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରୋଜେକ୍ଟ ଦ୍ୱାରା ବୁଦୁରା ଓ ଗୋରିବନ୍ଧା ପଞ୍ଚାୟତ ଅଧୀନ ୧୧ଟି ଗ୍ରାମର ୧୧୦୨ ହେକ୍ଟର ଜମି ଜଳସେଚିତ ହୋଇପାରିବ। କିଟିଂ, ଗୋରିବନ୍ଧା, ତାମୟପେଟା, ବଥବା, ବୁଦୁରା, କାଶୀନଗର, ଭୂପତି ଲକ୍ଷ୍ମୀପୁର, ମଧୁସୂଦନପୁର, ଖୁରିଗାଁ, ହରିପୁର, ରାଜପୁର, ପାପେୟାପଟୋ ଆଦି ୧୧ଟି ଗ୍ରାମର ଚାଷୀମାନେ ଉପକୃତ ହୋଇପାରିବେ। ତେଣୁ ପ୍ରୋଜେକ୍ଟ ରକ୍ଷଣାବେକ୍ଷଣ ସହ ଏହାର ସଦୁପଯୋଗ କରିବାକୁ ଅତିଥିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ବିଡିଓ ସୁଧିର କୁମାର ସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଉପକାରାଗାରରେ ଆନ୍ତର୍ଜାତିକ ସାକ୍ଷରତା ଦିବସ

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ଗଜପତି ଜିଲା ସାକ୍ଷରତା ସମିତି ଆନୁକୂଲ୍ୟରେ ପାରଳାଖେମୁଣ୍ଡି ଉପକାରାଗାରରେ ଶନିବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ସହକାରୀ ଜେଲର୍ ବିକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାର ମହତ୍ତ୍ୱ ବୁଝି ସୁନାଗରିକ ହେବା ପାଇଁ ଅନ୍ତେବାସୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି କାରାଗାର ପୁସ୍ତକାଗାରରେ ଉପାଦେୟ ବହି ଓ ନିୟମିତ ଖବରକାଗଜ ପଢି ମାନସିକ ଗୁଣର ବିକାଶ କରିବାକୁ କୁହାଯାଇଥିଲା। ବକ୍ତାମାନେ ଆଇନଗତ ସାକ୍ଷରତା, ଆର୍ଥିକ ସାକ୍ଷରତା ଇତ୍ୟାଦି ବିଷୟରେ ବୁଝାଇଥିଲେ। ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା, ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଢୀ, ଜନଶିକ୍ଷା ସାଧାରଣ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଭାଗବତ ପାଢୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

■ ରାଷ୍ଟ୍ରୀୟ ଲୋକ ଅଦାଲତ

# ୯୩୨ ମାମଲାର ସମାଧାନ



ଲୋକ ଅଦାଲତରେ ମାମଲାର ଫଇସଲା କରାଯାଉଛି।

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ଗଜପତି ଜିଲା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦୁର୍ଗାଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୧୪୩୧ଟି ମାମଲା ଆଗତ ହୋଇଥିଲା। ତନ୍ମଧ୍ୟରୁ ୯୩୨ଟି ମାମଲାର ତ୍ୱରିତ ସମାଧାନ କରାଯାଇ ଜରିମାନ ବାବଦ ୨୪ଲକ୍ଷ ୫୧ ହଜାର ୪୯୭ଶହ ଟଙ୍କା ଆଦାୟ ହୋଇଛି। ସେହିପରି ଜିଲା ଜଜ୍ କୋର୍ଟରେ ମୋଟରଜନିତ ଦୁର୍ଘଟଣା ବିଚାର କରାଯାଇ ୨୮ଟି ମାମଲାରୁ ଗୋଟିଏ କେସ୍‌ର ବିଚାର କରାଯାଇ ୩.୭୫ଲକ୍ଷ ଟଙ୍କା ଭରଣା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ଅରୁଣ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜେଶ ଦାସ, ସବ୍‌ଜଜ୍ ସୁଦାମ ଚରଣ ଦାସ, ରେଜିଷ୍ଟ୍ରାର ସର୍ବେଶ୍ୱର ଦାସ, ପ୍ରାଧିକରଣ ସମ୍ପାଦିକା ଦୀପା ଦାସ, ଉପଖଣ୍ଡୀୟ ମାଜିଷ୍ଟ୍ରେଟ୍ ମଳୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆର୍.ଉଦୟଗିରିଠାରେ ସବ୍‌ଜଜ୍ ଏନ୍.ଈଶ୍ୱର ରାଓଙ୍କ କୋର୍ଟରେ ଆୟୋଜିତ ଲୋକ ଅଦାଲତ ଏବଂ ବିଚାରପତି ନେହା ଦାସଙ୍କ କୋର୍ଟରେ ସମୁଦାୟ ୫୫ଟି ମାମଲାରୁ ୧୩ଟି ବିଚାର ହୋଇ ୨୬ଲକ୍ଷ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମୋହନାରେ ଜେଏମ୍‌ଏଫ୍‌ସି. ମାନସ କୁମାର ପଣ୍ଡାଙ୍କ କୋର୍ଟରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।

## ମିଳିତ ବାମପନ୍ଥୀ ଦଳ ପକ୍ଷରୁ ୧୦ରେ ହରତାଳ

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଆସନ୍ତା ୧୦ତାରିଖରେ ହରତାଳ ଓ ବନ୍ଦ ଡାକରା ଦିଆଯାଇଛି। ଗଜପତି ଜିଲାରେ ଏହାକୁ ସଫଳ କରିବା ପାଇଁ ସିପିଆଇ ଆହ୍ୱାନ ଦେଇଛି। ଏକ ପ୍ରେସ ବିବୃତି ମାଧ୍ୟମରେ ଦଳ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାରଙ୍କ ତୈଳ ଓ ଗ୍ୟାସ ଦର ପ୍ରତିବାଦରେ ହରତାଳ ଓ ବନ୍ଦ ଡାକରା ଦିଆଯାଇଛି। ଜନସାଧାରଣ ଏହାକୁ ସମର୍ଥନ ଜଣାଇବା ପାଇଁ ନିବେଦନ କରାଯାଇଛି। ୧୦ତାରିଖ ସନ୍ଧ୍ୟାରେ ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରିବ। ତୈଳଯାତ ଦ୍ରବ୍ୟର ଦରଦାମ ବୃଦ୍ଧି ଯୋଗୁଁ ସମସ୍ତ ଦ୍ରବ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟୁଛି। ଏହା ଗରିବ, ଚାଷୀ, ଶ୍ରମିକ, ମୂଲିଆ, ଛାତ୍ର, ସମସ୍ତଙ୍କ ଜୀବନ ଉପରେ ପ୍ରଭାବ ପକାଉଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସିପିଆଇ ଜିଲା ସମ୍ପାଦକ ଜେନ୍ନା ସୁଭାଷ ଚନ୍ଦ୍ର ରାଓ, ସିପିଆଇ(ଏମ୍) ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ସିପିଆଇ (ଏମ୍‌ଏଲ୍) ସମ୍ପାଦକ ବିଦ୍ୟାଧର ପାତ୍ର, ପି. ମୂରଲୀ କ୍ରିଷ୍ଣା, ଜାରୁ ଅର୍ଜୁନା, କର୍ଣ୍ଣ ସ୍ୱାଲସିଂଙ୍କ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।

## ଜିଲା ଭାଜପା ପକ୍ଷରୁ ମିଶ୍ରଣ ପର୍ବ

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ଗ୍ରାମଠାରେ ଜିଲା ଭାଜପା ପକ୍ଷରୁ ପୂର୍ବତନ ରାମଗିରି ବିଧାୟକ ତଥା ବରିଷ୍ଠ ନେତା ଭରତ ପାଇକଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବହୁ ବ୍ୟକ୍ତି ଭାଜପାରେ ଯୋଗଦାନ କରିଛନ୍ତି। ସେମାନଙ୍କୁ ଉପଢୌକନ ଓ ଦଳୀୟ ଟୋପି ପ୍ରଦାନ କରାଯାଇଥିଲା। ପରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପାଇକ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଭାଜପାର ବିଭିନ୍ନ କାର୍ଯ୍ୟାବଳୀ ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା କିପରି ଜନସାଧାରଣଙ୍କ ପାଖରେ ଆଦୃତ ହୋଇପାରିଛି ସେ ବିଷୟରେ ସେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅନୀତାରାଣୀ ବେହେରା ଯୋଗଦେଇ ଭାଜପାର ହାତମୁଠାକୁ ଟାଣ କରିବାପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ବାରିକ ଜେନା ଏହି ମିଶ୍ରଣ ପର୍ବ ଦ୍ୱାରା ଜିଲାରେ ଦଳ ଅଧିକ ଶକ୍ତିଶାଳୀ ଓ ସଙ୍ଗଠିତ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଶ୍ୟାମସୁନ୍ଦର ପାଣିଗ୍ରାହୀ, ମୂରଲୀ ଗୋପାଳ ରାଓ, ଅମିତ ପଟ୍ଟନାୟକ, ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ଜିଲାପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ।

■ ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କଲେ ବିଜେଡି କାଉନସିଲର

# ଉଦ୍‌ଘାଟନ ପୂର୍ବରୁ ଆଗୁଆ ସୂଚନା ନାହିଁ

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦର ନୂଆ କାର୍ଯ୍ୟାଳୟ କୋଠାକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିବା ଜିଲା ବିଜେଡି ଓ ଦଳୀୟ କାଉନସିଲରମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ବିଜେଡି କାଉନସିଲମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନ ସମ୍ପର୍କରେ କୌଣସି ଆଗୁଆ ସୂଚନା ଦିଆଯାଇ ନଥିବା ସେମାନେ କହିଛନ୍ତି।

ସମ୍ପୃକ୍ତ ସ୍ଥାନରେ ବିଜେଡି କାଉନସିଲରମାନେ ପହଞ୍ଚି ଯୁକ୍ତତର୍କ କରିଥିଲେ। ଫଳରେ ସେଠାରେ କିଛିଇ ସମୟ ଧରି ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଜେଡି ପକ୍ଷରୁ ଜିଲା ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ, ଏହି ଉଦଘାଟନୀ କାର୍ଯ୍ୟ ପୂର୍ବରୁ କୌଣସି ପ୍ରସ୍ତୁତି ବୈଠକ ହୋଇନାହିଁ କିମ୍ବା କାର୍ଯ୍ୟକ୍ରମ ବିଷୟରେ ବିଜେଡି କାଉନସିଲରମାନଙ୍କୁ ସୂଚନା ଦିଆଯାଇନାହିଁ। ପୌରାଧ୍ୟକ୍ଷ ହାତଗଣତି କିଛି କାଉନସିଲର ଓ ନେତାଙ୍କ ସହ ଉଦ୍‌ଘାଟନ କାର୍ଯ୍ୟକ୍ରମ କରିଥିବା ବେଳେ ଏହା ବେଆଇନ ବୋଲି ଜିଲା ବିଜେଡି କର୍ମକର୍ତ୍ତା ଓ କାଉନସିଲମାନେ କହିଛନ୍ତି। ବିନା ପୂର୍ବ ସୂଚନାରେ ପ୍ରସ୍ତୁତି ବୈଠକ କରାଯାଇଥିବା ବେଳେ ଏହା ତଦନ୍ତ ସାପେକ୍ଷ ବୋଲି ବିଜେଡି କାଉନସିଲରମାନେ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପୌର ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରେ କୌଣସି ସୂଚନା ଦେଇପାରିବିନି ବୋଲି କହିଥିଲେ। ଅନ୍ୟପକ୍ଷେ ବିଜେଡି ପକ୍ଷରୁ କାଉନସିଲର ପ୍ରଶାନ୍ତ ପାତ୍ର, ପି.ସ୍ୱାତୀ, ଜେ.ଉମାକୁମାରୀ, ଭି ଜ୍ୟୋତି, ଜେ. ଭବାନୀ, ନୀଳକଣ୍ଠ ବେହେରା, ପୂର୍ବତନ ନଗରପାଳ ପି.କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

### ପୌର ପରିଷଦ ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ବିଧାୟକ କେ.ସୂରିୟା ରାଓ, ପୌରାଧ୍ୟକ୍ଷା ଏମ୍. ଲଳିତା ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦର ନୂତନ କାର୍ଯ୍ୟାଳୟ କୋଠା ଶନିବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ କେ.ସୂରିୟା ରାଓ ଯୋଗଦେଇ ଏହି ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ୨କୋଟି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହୋଇଛି। ସେହିପରି ହାଟପଦାଠାରେ ୫୫ ଦୋକାନ ଗୃହ ବିଶିଷ୍ଟ ନୂତନ ହାଟ ପାଇଁ ଶିଳାନ୍ୟାସ କରାଯାଇଛି। ହାଟ ପାଇଁ ୧କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଏମ୍.ଲଳିତା, ଉପାଧ୍ୟକ୍ଷ ସଞ୍ଜୟ ଅଧିକାରୀ, କାଉନସିଲର ବିଭୂତି ନାୟକ, ଖଗେଶ୍ୱର ବେହେରା, ବିଧାୟକ ପ୍ରତିନିଧି କେ. ରାମସ୍ୱାମୀଙ୍କ ସହ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

**ମୋହନା, ୮।୯ (ଡି.ଏନ.ଏ)**

ମୋହନା ଥାନା ଗୁଡ୍ରିଗୁଡା ଗାଁରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୋହନା ପଞ୍ଚାୟତ ଟେଣାମା ଗ୍ରାମର ଅବନି ମଲ୍ଲିକ (୨୧)। ଅବନି ଗୁଡ୍ରିଗୁଡାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାମ ପାଇଁ ପାଣି ଛାଡିବାକୁ ବିଦ୍ୟୁତ ମୋଟର ଲଗାଇଥିଲେ। ମୋଟର ମରାମତି କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ମୋହନା ଡାକ୍ତରଖାନା ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମଦ କାରବାର ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

**ରାୟଗଡ଼ (ଗଜପତି), ୮।୯(ଡି.ଏନ.ଏ.)**

### ଥାନାର ଦ୍ୱାରସ୍ଥ ହେଲେ ୪ ସ୍ୱୟଂସହାୟକ ଗୋଷ୍ଠୀ



ଥାନାଧିକାରୀଙ୍କୁ ସ୍ମାରକପତ୍ର ଦେବା ପାଇଁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ।

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ କରଡାସିଂ ପଞ୍ଚାୟତର କଳମାସିଂ ଗ୍ରାମରେ ବିପୁଳ ପରିମାଣର ଦେଶୀ ମଦ ରନ୍ଧା ହେଉଥିବା ବେଳେ ବିଦେଶୀ ମଦ ବିକ୍ରି କରାଯାଉଛି। ଫଳରେ ଗ୍ରାମବାସୀଙ୍କ ଉପରେ କୁପ୍ରଭାବ ପଡୁଛି। ଏଭଳି ଅଭିଯୋଗ ଆଣି ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଶନିବାର ରାୟଗଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ଦେବା ସହ ତୁରନ୍ତ ମଦଭାଟି ଓ ମଦ କାରବାର ବନ୍ଦ ପାଇଁ ପୋଲିସ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଏସ୍‌ପି, ଜିଲାପାଳ ଏବଂ ଅବକାରୀ ଅଧୀକ୍ଷକଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯିବ ବୋଲି ସଂଘର ସଭାପତି ଶକୁନ୍ତଳା ଶବର, ସରୋଜିନୀ ରାଉତ ଓ ବିଷ୍ଣୁପ୍ରିୟା ରାଉଳ କହିଛନ୍ତି।

ପ୍ରକାଶ ଯେ, ଆଦିବାସୀ ଅଧ୍ୟୁଷିତ କଳମାସିଂ ଗ୍ରାମରେ ୩୫ଟି ପରିବାରର ୪ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେଠାରେ ପ୍ରାୟ ୧୦ଟି ପରିବାର ଦେଶୀ ମଦ ରାନ୍ଧିବା ସହ ବିଦେଶୀ ମଦ ବିକ୍ରି କରୁଛନ୍ତି। ଏଥିଯୋଗୁ ଗ୍ରାମର ପରିବେଶ ନଷ୍ଟ ହେବା ସହ ପିଲା ଓ ଯୁବବର୍ଗଙ୍କ ଉପରେ କୁପ୍ରଭାବ ପଡୁଛି। ସେମାନେ ମଦ ପିଇ ବିପଥଗାମୀ ହେବାର ଆଶଙ୍କା ରହୁଛି। ସେହିପରି ପରିବାରଗୁଡ଼ିକରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଗ୍ରାମରେ ଏଭଳି ସ୍ଥିତି ଯୋଗୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ତେଣୁ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ମଦ କାରବାର ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି। ମା' ଲକ୍ଷ୍ମୀ, ମା' ସନ୍ତୋଷୀ, ମା'ବାଙ୍କେଶ୍ୱରୀ ଏବଂ ଜୀବନଜ୍ୟୋତି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ମିଳିତ ଭାବେ ରାୟଗଡ଼ ଥାନାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ମଦ କାରବାର ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ ହେବ ବୋଲି କୁନି ରାଉଳ, ତୁଳସୀ ଶବର, ସୁଶିଳା ଶବର, ମୀନତି ଭୂୟାଁ, ଭାଗ୍ୟବତୀ ଭୂୟାଁ ପ୍ରମୁଖ ଚେତାବନୀ ଦେଇଛନ୍ତି।